

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୪ ଡିସେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 14 DECEMBER 2023

Vol.No. 34 ■ No. 327■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ସଂସଦ ସୁରକ୍ଷାରେ ବଡ଼ ଧରଣର ତ୍ରୁଟି

- ➢ଗୁଇନ୍ଦା ଇନପୁଟ୍ ସତ୍ତ୍ୱେ ଏଜେନ୍ସି ଫେଲ୍
- ➢ଷଡ଼ଯନ୍ତ୍ରରେ ୬ ସମ୍ପୃକ୍ତ, ୪ ଗିରଫ, ୨ ଫେରାର
- ➢ଅନୁପ୍ରବେଶକାରୀଙ୍କୁ ପାସ୍ ଦେଇଥିଲେ ବିଜେପି ସାଂସଦ
- ➢ବଦଳିଲା ସଂସଦର ସୁରକ୍ଷା ବ୍ୟବସ୍ଥା
- ➢ ସୁରକ୍ଷା ପ୍ରସଙ୍ଗରେ ସରକାରଙ୍କୁ ବିରୋଧୀଙ୍କ ପ୍ରଶ୍ନ

ନୂଆଦିଲ୍ଲୀ ୧୩।୧୨: ପୁରୁଣା ସଂସଦ ଭବନରେ ହୋଇଥିବା ୧୩ ଡିସେମ୍ବର ୨୦୦୧ ଆତଙ୍କବାଦୀ ଆକ୍ରମଣ ଆଜି ଭୁଲି ନାହାନ୍ତି ଲୋକେ। ସେ ଦିନ ୫ ସଶସ୍ତ୍ର ଆତଙ୍କବାଦୀ ସଂସଦ ଉପରେ ଆକ୍ରମଣ କରିଥିଲେ। ଫଳରେ ଦିଲ୍ଲୀ ପୋଲିସର ୫ ଜଣ ଜବାନଙ୍କ ସହିତ ମୋଟ ୯ ଜଣଙ୍କର ମୃତ୍ୟୁ ହୋଇଥିଲା। ଏହି ଆତଙ୍କବାଦୀ ଆକ୍ରମଣର ୨୨ ବର୍ଷ ପରେ ଠିକ୍ ୧୩ ଡିସେମ୍ବର ୨୦୨୩ ବୁଧବାର ସଂସଦରେ ପୁଣି ଘଟିଛି ଅଭାବନୀୟ ଘଟଣା। ନୂଆ ସଂସଦର ଦର୍ଶକ ଗ୍ୟାଲେରୀରୁ ୨ ଜଣ ଯୁବକ ସଂସଦ ମଧ୍ୟକୁ ଡେଇଁ ରଙ୍ଗୀନ ଧୂଆଁ ଉଡାଇବା ସହ ଅସ୍ୱଭାବିକ ପରିସ୍ଥିତି ସୃଷ୍ଟି କରିଛନ୍ତି। ଏହି ମାମଲାର ତଦନ୍ତ ନିମନ୍ତେ ଲୋକସଭା ବାଚସ୍ପତି ଆଦେଶ ଦେଇଛନ୍ତି। ତେବେ ସବୁଠୁ ଯାହା ବଡ଼ କଥା ତାହା ହେଉଛି ଗୁଇନ୍ଦା ଏଜେନ୍ସୀ ଓ ପୋଲିସ ନିକଟରେ ଏଭଳି ଅପ୍ରତ୍ୟାସୀତ ଘଟଣା ସମ୍ପର୍କରେ ପୂର୍ବରୁ ଇନପୁଟ୍ ଥାଇ ମଧ୍ୟ ଘଟଣା କିପରି ଘଟିଲା ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଇଣ୍ଟେଲିଜେନ୍ସୀ ବ୍ୟୁରୋ (ଆଇବି) ପୂର୍ବରୁ ଏ ବାବଦେ ଦିଲ୍ଲୀ ପୋଲିସକୁ ସୂଚିତ କରିଥିଲା। ଏଣୁ ସଂସଦ ଓ ଏହାର ଆଖପାଖ ଅଞ୍ଚଳର ସୁରକ୍ଷା କଡ଼ାକଡି କରାଯାଇଥିଲା। ତେବେ ଦୁଇଜଣ ଯୁବକ ପୋଲିସର ସୁରକ୍ଷା ବାଡକୁ ଭାଙ୍ଗି ଦେଇଛନ୍ତି। ଯୁବକ ଦୁଇ ଜଣ କିଛି ସମୟ ଦର୍ଶକ ଗ୍ୟାଲେରୀରେ ବସିବାପରେ ସଂସଦ ମଧ୍ୟକୁ ଡେଇଁ ପଡି ଗୋଟିଏ ବେଞ୍ଚରୁ ଆରବେଞ୍ଚକୁ ଦୌଡିବାରେ ଲାଗିଥିଲେ। ଏଥିରେ ଜଣେ ଯୁବକ ରଙ୍ଗୀନ ଧୂଆଁ ସଂସଦ ଭବନରେ ସ୍ପ୍ରେ କରିବା ବେଳେ ସଂସଦରୁ ସୁରକ୍ଷା କର୍ମୀ ଗାୟବ ଥିଲେ। ଏଥିରେ ଉପସ୍ଥିତ ସାଂସଦମାନେ ଦୁଇ ଯୁବକଙ୍କୁ କାବୁ କରି ଉତ୍ତମ ମଧ୍ୟମ ଦେଇଛନ୍ତି। ଏହି ଘଟଣା ପରେ ଲୋକସଭାର କାର୍ଯ୍ୟକ୍ରମକୁ ସ୍ଥଗିତ କରିଦିଆଯାଇଛି। ଏହି ମାମଲାରେ ଦିଲ୍ଲୀ ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରି ସଂସଦମାର୍ଗ ପୋଲିସ ଷ୍ଟେସନକୁ ନେଇଯାଇଛି। ସେଠାରେ ଆଣ୍ଟି ଟେରର ୟୁନିଟ୍ ଓ ଗୁଇନ୍ଦା ଅଧିକାରୀମାନେ ସେମାନଙ୍କୁ ପଚରାଉଚରା କରୁଛନ୍ତି। ପ୍ରାରମ୍ଭିକ ଯାଞ୍ଚରେ ସଂସଦଭବନ ବାହାରେ ଗିରଫ ହୋଇଥିବା ଜଣେ ଯୁବକ ଓ ଜଣେ ଯୁବତୀଙ୍କଠାରୁ ମୋବାଇଲ ଫୋନ ମିଳି ନାହିଁ କି ସେମାନଙ୍କଠାରୁ କୌଣସି ସାମଗ୍ରୀ ପରିଚୟ ପତ୍ର ଅଥବା ବ୍ୟାଗ୍ ଜବତ ହୋଇ ନାହିଁ। ସେହିପରି ସେମାନେ କୌଣସି ସଙ୍ଗଠନ ସହ ସମ୍ପୃକ୍ତ ନଥିବା ଜଣାପଡିଛି। ତେବେ ସେମାନେ ନିଜକୁ ନିଜେ ପ୍ରେରିତ ହୋଇ ସଂସଦକୁ ଯାଇଥିବାର କହିଛନ୍ତି। ତେବେ ତଦନ୍ତରେ ସଂସଦ ଭବନରେ ଏପରି କାଣ୍ଡ କରିବା ପାଇଁ ୬ ଜଣ ମିଳିତ ଷଡ଼ଯନ୍ତ୍ର କରିଥିବାର ଜଣାପଡିଛି। ଏଥିରୁ ୪ ଜଣ ଗିରଫ ହୋଇଥିବା ବେଳେ ୨ ଏବେବି ଫେରାର ଅଛନ୍ତି। ତେବେ ପୋଲିସ ଓ ତଦନ୍ତକାରୀ ସଂସ୍ଥାନ ଫେରାର ଦୁଇଜଣଙ୍କ ତଲାସ ଜାରି ରଖିଛନ୍ତି। ▶▶ପୃଷ୍ଠା ୭

ଭିଜିଲାନ୍ସ ଜାଲରେ ସବ୍ ରେଜିଷ୍ଟ୍ରାର

ନୟାଗଡ, ୧୩/୧୨ (ନି.ପ୍ର): ଭିଜିଲାନ୍ସ ଜାଲରେ ସବ୍ ରେଜିଷ୍ଟ୍ରାର। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ନୟାଗଡ଼ ଜିଲ୍ଲା ସବ୍ ରେଜିଷ୍ଟ୍ରାର ଶାଶ୍ୱତ ପଟ୍ଟନାୟକଙ୍କ ଘରେ ଆଜି ସକାଳେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଶାଶ୍ୱତଙ୍କ ଘର ସମେତ ୬ଟି ସ୍ଥାନରେ ରେଡ୍ କରିଛି ଭିଜିଲାନ୍ସ। ଶାଶ୍ୱତଙ୍କ ନୟାଗଡ଼ ଦେବୋଉର କଲୋନୀର ଭଡ଼ା ବାସଗୃହ, ନୟାଗଡ ସବ୍ ରେଜିଷ୍ଟ୍ରାର ଅଫିସ, କେନ୍ଦ୍ରାପଡ଼ା ଜିଲ୍ଲା ତଳବାରଙ୍ଗର ନିଜ ବାସଗୃହ, କେନ୍ଦ୍ରାପଡ଼ାର ତାଳଗାଁ ପୈତୃକ ବାସଗୃହ, ସମ୍ପର୍କୀୟଙ୍କ କେନ୍ଦ୍ରାପଡ଼ା ଜିଲ୍ଲାର ପେଣ୍ଡ ଓ ଦଳନ୍ତ ଗାଁରେ ଚଢାଉ କରାଯାଇଛି।

ଫେବୃଆରୀ ୨୦ରୁ ମାଟ୍ରିକ୍ ପରୀକ୍ଷା

କଟକ , ୧୩/୧୨ (ନି.ପ୍ର): ଆସନ୍ତା ଫେବ୍ରୁଆରୀ ୨୦ରୁ ମାଟ୍ରିକ ପରୀକ୍ଷା । ପରୀକ୍ଷା ସୂଚୀ ପ୍ରକାଶ କଲା ମାଧ୍ୟମିକ ଶିକ୍ଷା ପରିଷଦ । ପରୀକ୍ଷା ଫେବ୍ରୁଆରୀ ୨୦ରୁ ଆରମ୍ଭ ହୋଇ ମାର୍ଚ୍ଚ ୪ ପର୍ଯ୍ୟନ୍ତ ଚାଲିବ । ପ୍ରଥମ ଦିନ ଅର୍ଥାତ୍ ୨୦ରେ ମାତୃଭାଷା, ଏହାପରେ ୨୩ ଫେବ୍ରୁଆରୀରେ ଦ୍ୱିତୀୟ ଭାଷା ଇଂରାଜୀ, ୨୬ ଫେବ୍ରୁଆରୀରେ ଗଣିତ ପରୀକ୍ଷା ହେବ । ଗଣିତ ପରୀକ୍ଷାରେ ପରୀକ୍ଷାର୍ଥୀମାନେ ଅଧିକ ୧୫ ମିନିଟ ସମୟ ପାଇବେ । ଫେବ୍ରୁଆରୀ ୨୮ରେ ତୃତୀୟ ଭାଷା, ମାର୍ଚ୍ଚ ୨ରେ ବିଜ୍ଞାନ ଓ ମାର୍ଚ୍ଚ ୪ରେ ସାମାଜିକ ବିଜ୍ଞାନ ପରୀକ୍ଷା ଅନୁଷ୍ଠିତ ହେବ । ପରୀକ୍ଷା ସବୁଦିନ ସକାଳ ୯ ଟାରେ ଆରମ୍ଭ ହେବ । ପ୍ରତିଦିନ ଗୋଟିଏ ସିଟିଂରେ ପରୀକ୍ଷା ଅନୁଷ୍ଠିତ ହେବ । ଏଥର ରେଗୁଲାର ପରୀକ୍ଷାର୍ଥୀ ଭାବେ ୫ ଲକ୍ଷ ୫୧ ହଜାର ୬୧୧ ଜଣ ଛାତ୍ରଛାତ୍ରୀ ଫର୍ମ ଫିଲଅପ କରିଛନ୍ତି । ଏଥିପାଇଁ ୨୯୯୧ଟି ପରୀକ୍ଷା କେନ୍ଦ୍ର କରାଯାଇଛି । ପ୍ରତିଟି ସମ୍ବେଦନଶୀଳ ପରୀକ୍ଷା କେନ୍ଦ୍ରରେ ସିସିଟିଭି କ୍ୟାମେରା ବ୍ୟବସ୍ଥା କରାଯିବ । କପି ରୋକିବା ଲାଗି ତ୍ରିସ୍ତରୀୟ ସ୍କ୍ୱାର୍ଡ ବ୍ୟବସ୍ଥା କରାଯାଇଛି। ଏଥର ଆର୍ଟିଫିସିଆଲ୍ ଇଣ୍ଟେଲିଜେନସି ବା ଇଓ ମାଧ୍ୟମରେ ୱେବକାଷ୍ଟିଙ୍ଗ ବ୍ୟବସ୍ଥା କରାଯିବ ବୋଲି ବୋର୍ଡ କର୍ତ୍ତୃପକ୍ଷ କହିଛନ୍ତି । ସେପଟେ ମାର୍ଚ୍ଚ ୬ରୁ ମାର୍ଚ୍ଚ ୧୫ ପର୍ଯ୍ୟନ୍ତ ନବମ ଶ୍ରେଣୀ ବାର୍ଷିକ ପରୀକ୍ଷା ହେବ । ଯେଉଁଥିରେ ଏକ ବିଶେଷ ପଦକ୍ଷେପ ନିଆଯାଇଛି । ପ୍ରଶ୍ନପତ୍ର ଭାଇରାଲ୍ ହେବା ଭଳି ଅଘଟଣକୁ ରୋକିବା ଲାଗି ଏଥର ଅନଲାଇନ ମାଧ୍ୟମରେ ସ୍କୁଲ ▶▶ପୃଷ୍ଠା ୭

ନକ୍ସଲଙ୍କ ଆଇଇଡି ବିସ୍ଫୋରଣରେ ଜଣେ ଯବାନ ସହିଦ: ଜଣେ ଆହତ

ଛତିଶଗଡ଼, ୧୩/୧୨ : ଛତିଶଗଡ଼ରେ ଆଜି ବିଷ୍ଣୁଦେଓ ସାଏ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପୂର୍ବରୁ ନିଜର ସ୍ଥିତି ଜାହିର କରିବା ପାଇଁ ନକ୍ସଲମାନେ ଏହି କାଣ୍ଡ ଘଟାଇଥିବା କୁହାଯାଉଛି। ଛତିଶଗଡ଼ର ନାରାୟଣପୁର ଅଞ୍ଚଳରେ ଥିବା ଆମଦାଇ ଲୁହାପଥର ଖଣିରେ ନକ୍ସଲଙ୍କ ଆଇଇଡି ବିସ୍ଫୋରଣରେ ଛତିଶଗଡ଼ ସଶସ୍ତ୍ର ବଳ (ସିଏଏଫ୍)ର ଜଣେ ଯବାନ ସହିଦ ହୋଇଛନ୍ତି। ଆଉ ଜଣେ ଯବାନ ଆହତ ହୋଇଛନ୍ତି। ସହିଦ ଯବାନଙ୍କ ନାଁ କମଳେଶ ସାହୁ। ତାଙ୍କ ଘର ଛତିଶଗଡ଼ର ଜନଜଗିରଚାପା ଜିଲ୍ଲା ଅନ୍ତର୍ଗତ ହସୋଦ ଗାଁରେ। ଆହତ ଯବାନଙ୍କ ନାଁ ବିନୟ କୁମାର। ତାଙ୍କ ଘର ବାଲୋଦ ଜିଲ୍ଲାର ସୋନପୁରର। ବିନୟଙ୍କ ବାମ ଗୋଡ଼ରେ ଆଘାତ ଲାଗିଛି। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆଜି ସକାଳେ ଏହି ଘଟଣା ଘଟିଥିଲା। ନକ୍ସଲମାନେ ନାରାୟଣପୁର ଜିଲ୍ଲା ଛୋଟେଡୋଙ୍ଗର ଥାନା ଅଞ୍ଚଳରେ ଥିବା ଆମଦାଇ ଲୁହାପଥର ଖଣିରେ ଆଇଇଡି ବିସ୍ଫୋରଣ କରିଥିଲେ। ଫଳରେ ସେଠାରେ ସୁରକ୍ଷା ଦାୟିତ୍ୱରେ ନିୟୋଜିତ ହୋଇଥିବା ସିଏଏଫ୍ ଯବାନ କମଳେଶ ସହିଦ ହୋଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

ଅନ୍ୟ ରାଜ୍ୟ ପାଇଁ ରୋଲ୍ ମଡେଲ୍ ପାଲଟିଲା ଓଡ଼ିଶା

ଟିକସ୍ ଆଦାୟରେ ଆଗରେ, ଋଣ ବି କମ

ଭୁବନେଶ୍ୱର, ୧୩/୧୨ (ନି.ପ୍ର): ବିତ୍ତୀୟ ପରିଚାଳନାରେ ଦେଶର ସବୁ ରାଜ୍ୟ ପାଇଁ ରୋଲ ମଡେଲ ପାଲଟିଛି ଓଡ଼ିଶା । ରିଜର୍ଭ ବ୍ୟାଙ୍କ ରିପୋର୍ଟ ଅନୁସାରେ ବିତ୍ତୀୟ ପରିଚାଳନା, ଋଣ ଭାର ଏବଂ ରାଜସ୍ୱ ଆଦାୟରେ ଦେଶରେ ଓଡ଼ିଶା ହୋଇଛି ନମ୍ବର ୱାନ । ସବୁ ରାଜ୍ୟ ତୁଳନାରେ ଓଡିଶା କମ ଋଣ କରିଥିବା ବେଳେ ନିଜସ୍ୱ ଅଣ ଟିକସ ଆଦାୟରେ ସବୁଠୁ ଆଗରେ ରହିଛି । ସବୁ କ୍ଷେତ୍ରକୁ ପ୍ରାଧାନ୍ୟ ଦେବା ସହିତ ଭିତ୍ତିଭୂମି କ୍ଷେତ୍ରରେ ଅଧିକ ବିନିଯୋଗ କରୁଥିବାରୁ ଏଭଳି ଫଳାଫଳ ଆସିଛି ବୋଲି କହିଛନ୍ତି ବିଶେଷଜ୍ଞ । ବିତ୍ତୀୟ ପରିଚାଳନାରେ ଓଡିଶା ମଡେଲ ନମ୍ବର ୱାନ୍। ଋଣ ହାର, ଅଣ ଟିକସ ରାଜସ୍ୱ ଆଦାୟରେ ସବୁଠୁ ଆଗରେ ଓଡ଼ିଶା । ଭାରତୀୟ ରିଜର୍ଭ ବ୍ୟାଙ୍କ ରିପୋର୍ଟ ଅନୁସାରେ ବିତ୍ତୀୟ ପରିଚାଳନା, ଋଣ ହାର, ଅଣ ଟିକସ ରାଜସ୍ୱ ଆଦାୟ କ୍ଷେତ୍ରରେ ଓଡିଶା ଏବେ ଅନ୍ୟ ରାଜ୍ୟମାନଙ୍କୁ ପଛରେ ପକାଇ ଶୀର୍ଷ ସ୍ଥାନରେ ରହିଛି। ରିପୋର୍ଟ ଅନୁସାରେ ଓଡିଶାର ଋଣଭାର ସାରାଦେଶରେ ସର୍ବନିମ୍ନ ସ୍ତରରେ ରହିଛି । ▶▶ପୃଷ୍ଠା ୭

ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ବିଷ୍ଣୁଦେଓ ସାଏ

ଛତିଶଗଡ଼, ୧୩/୧୨ : ବିଷ୍ଣୁଦେଓ ସାଏ ଆଜି ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ସେହିପରି ଅରୁଣ ସାଓ ଓ ବିଜୟ ଶର୍ମା ଉପ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ରାୟପୁରରେ ଅନୁଷ୍ଠିତ ଏହି ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ, ବିଜେପି ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡା, ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଓ ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ ପ୍ରମୁଖ ଉପସ୍ଥିତ ରହିଥିଲେ। ବିଷ୍ଣୁଦେଓ ସାଏ ଛତିଶଗଡ଼ର ଚତୁର୍ଥ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ସେ ଜଣେ ଆଦିବାସୀ ନେତା। ୧୯୯୦ରୁ ବିଜେପିର ପ୍ରମୁଖ ଆଦିବାସୀ ଚେହେରା ବନିଥିବା ବିଷ୍ଣୁଦେଓ ସାଏ ଦଳର ଅନେକ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହି କାର୍ଯ୍ୟ କରିଛନ୍ତି। ସେ ଛତିଶଗଡ଼ର ବିଜେପି ମୁଖ୍ୟ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ସେହିପରି ନରେନ୍ଦ୍ର ମୋଦିଙ୍କ ସରକାରରେ ସେ ମନ୍ତ୍ରୀ ହୋଇଥିଲେ। ଏଥର ନିର୍ବାଚନରେ ଆଦିବାସୀ ବହୁଳ ଅଞ୍ଚଳରେ ବିଜେପି ତା'ର ଦବଦବା ଦେଖାଇଥିଲା। ଏଭଳି ୨୯ଟି ଆସନରୁ ଦଳ ୧୭ଟିରେ ଜିତିଥିବାରୁ ବିଷ୍ଣୁଦେଓ ସାଏଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇଥିବା କୁହାଯାଉଛି। ୧୯୬୪ ଫେବ୍ରୁଆରୀ ୨୧ରେ ଛତିଶଗଡ଼ର ଜାଶପୁର ଜିଲ୍ଲା ବାଗିଆ ଗାଁରେ ଜନ୍ମ ହୋଇଥିଲେ ବିଷ୍ଣୁଦେଓ ସାଏ। ବାଗିଆର ସରପଞ୍ଚ ଭାବେ ନିର୍ବାଚିତ ହେବା ସହ ଆରମ୍ଭ ହୋଇଥିଲା ତାଙ୍କ ରାଜନୀତିକ ଯାତ୍ରା। ମଧ୍ୟ ପ୍ରଦେଶକୁ ବିଭାଜନ କରାଯାଇ ଛତିଶଗଡ଼ ରାଜ୍ୟ ଗଠନ ▶▶ପୃଷ୍ଠା ୭

ନାବାଳିକା ଦୁଷ୍କର୍ମ ମାମଲାରେ ଦୋଷୀକୁ ୨୦ ବର୍ଷ ଜେଲ ଦଣ୍ଡାଦେଶ

ଯାଜପୁର, ୧୩/୧୨ (ନି.ପ୍ର): ଯାଜପୁର ୯ ବର୍ଷ ନାବାଳିକା ଦୁଷ୍କର୍ମ ମାମଲାରେ ଦୋଷୀ ସାବ୍ୟସ୍ତ ହେଲା ଅଭିଯୁକ୍ତ। ଦୋଷୀକୁ ୨୦ ବର୍ଷ ଦଣ୍ଡାଦେଶ ଦେଇଛନ୍ତି ଯାଜପୁର ଏଡ଼ିଜେ ସ୍ୱତନ୍ତ୍ର ପକ୍ସୋ କୋର୍ଟ। ଦୋଷୀ ପ୍ରକାଶ ମଲ୍ଲିକକୁ ୨୦ ବର୍ଷର ସଶ୍ରମ କାରାଦଣ୍ଡ ସହ ୭୦ ହଜାର ଟଙ୍କା ଜରିମାନା କରିଛନ୍ତି ଅଦାଲତ। ଜରିମାନା ଅନାଦେୟ ଅଧିକ ୨୧ ମାସ ଜେଲରେ ▶▶ପୃଷ୍ଠା ୭

ଟଙ୍କା ଜବତ ପରେ ସୁନା ଖୋଜୁଛନ୍ତି ଆୟକର ଅଧିକାରୀ

ଝାଡଖଣ୍ଡ , ୧୩/୧୨ (ନି.ପ୍ର): ପୁଳା ପୁଳା ଟଙ୍କା ମିଳିବା ପରେ ଏବେ କଳାଧନର କୁବେର ଧୀରଜ ସାହୁଙ୍କ ଘରେ ସୁନା ଖୋଜିବ ଆୟକର ବିଭାଗ । ରାଜ୍ୟସଭା ସାଂସଦ ଧୀରଜ ସାହୁଙ୍କ ଝାଡଖଣ୍ଡ ଲୋହରଦଗା ଘରେ ପହଞ୍ଚିଛି ଆୟକର ବିଭାଗର ୧୨ ଜଣିଆ ଟିମ । ବଡ଼ କଥା ହେଉଛି ଏହି ଟିମ୍ ସାଙ୍ଗରେ ଆଣିଛି ଜିଓ ସର୍ଭିଲାନ୍ସ ସିଷ୍ଟମ । କୁହାଯାଉଛି ଏହି ଯନ୍ତ୍ର ମାଟି ତଳେ ଥିବା ସୁନାକୁ ଠାବ କରିପାରିବ । ମଦ ବ୍ୟବସାୟୀଙ୍କ ବିଭିନ୍ନ ଠିକଣାରେ ଚଢାଉ ପରେ ଟଙ୍କାର ପାହାଡ ଜବତ ହୋଇଛି । ଆଉ ଏବେ ସ୍ଥାବର ଅସ୍ଥାବର ସମ୍ପତ୍ତିର ଆକଳନ କରୁଛି ଆୟକର ବିଭାଗ । ତେଣୁ କେତେ ସୁନା, ରୂପା ଲୁଚାଇ ରଖିଛନ୍ତି ଧୀରଜ ସାହୁ ତାର ଖୋଳତାଡ ହେବ । ଦରକାର ପଡିଲେ ଧୀରଜଙ୍କ ଘର ମାଟି ତାଡି ସୁନା ଗହଣାର ସନ୍ଧାନ କରିବ ଆୟକର ବିଭାଗ । ଧୀରଜଙ୍କ ଘରେ ପହଞ୍ଚିବା ବେଳେ ପରିବାରର ତିନିଜଣ ସଦସ୍ୟ ଓ ସିଆଇଏସଫ ଯବାନଙ୍କୁ ନେଇ ପହଞ୍ଚିଛି ଆୟକର ବିଭାଗ ।

ଋଷ୍‌କୁ ମହଙ୍ଗା ପଡ଼ିଲା ୟୁକ୍ରେନ ସହ ଯୁଦ୍ଧ

ପ୍ରାଣ ହରାଇଲେଣି ପ୍ରାୟ ୮୭% ଯବାନ, ସରିଆସୁଛି ଅସ୍ତ୍ର ଭଣ୍ଡାର

ନୂଆଦିଲ୍ଲୀ: ଋଷ-ୟୁକ୍ରେନ ଯୁଦ୍ଧକୁ ଦୁଇ ବର୍ଷ ପୂରିବାକୁ ଯାଉଛି । ଦୁଇ ଦେଶ ମଧ୍ୟରେ ଏବେବି ଉତ୍ତେଜନା ଜାରି ରହିଛି । ପଛ ଘୁଞ୍ଚ ଦେବାକୁ କେହି ବି ପ୍ରସ୍ତୁତ ନାହାନ୍ତି । ତେବେ ଏହି ଯୁଦ୍ଧକୁ ନେଇ ଏବେ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି । କୁହାଯାଉଛି, ଋଷ୍ ଏହି ଭୀଷଣ ଯୁଦ୍ଧରେ ବର୍ତ୍ତମାନ ସୁଦ୍ଧା ୮୭ ପ୍ରତିଶତ ସକ୍ରିୟ ସୈନ୍ୟଙ୍କୁ ହରାଇଛି । ମୋଟ୍ ସେନାର ପ୍ରାୟ ୮୭ ପ୍ରତିଶତ ଯବାନ ଯୁଦ୍ଧରେ ପ୍ରାଣ ହରାଇଛନ୍ତି । ଖାଲି ଏତିକି ନୁହେଁ ଦୁଇ ତୃତୀୟାଂଶ ଯୁଦ୍ଧ ଟ୍ୟାଙ୍କ ବର୍ବାଦ ହୋଇଛି । ତେବେ ଏହି ରିପୋର୍ଟ ଋଷ୍ ଜଣେ ସାଂସଦଙ୍କ ଦ୍ୱାରା ଆମେରିକା ଗୁଇନ୍ଦା ଏଜେନ୍ସି ହାତରେ ଲାଗଥିବାଏକ ସୂତ୍ରରୁ ପ୍ରକାଶ ପାଇଛି । ଯୁଦ୍ଧରେ ଏତେ ବଡ଼ କ୍ଷତି ହୋଇଥିଲେ ମଧ୍ୟ ହାର୍ ମାନିକା ପ୍ରସ୍ତୁତ ନୁହନ୍ତି ଋଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍ । ରିପୋର୍ଟ ମୁତାବକ, ୟୁକ୍ରେନ ସହିତ ଋଷର ଯୁଦ୍ଧ ଆରମ୍ଭ ହେବା ସମୟ ପ୍ରାୟ ୩,୬୦,୦୦ ଯବାନ ଯୁଦ୍ଧଭୂମିକୁ ଓହ୍ଲାଇଥିଲେ । ମାତ୍ର ଏହି ଘମାଘୋଟ୍ ଲଢେଇରେ ବର୍ତ୍ତମାନ ସୁଦ୍ଧା ୩, ୧୫, ୦୦୦ ସୈନ୍ୟକଙ୍କୁ ହରାଇଛି ଋଷ୍ । ପୁଟିନଙ୍କ କଠୋର ନିଷ୍ପତ୍ତି ପାଇଁ ପ୍ରାଣ ହରାଇଛନ୍ତି ଯବାନମାନେ ।

ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ

ପୁରୀ, ୧୩/୧୨ (ନି.ପ୍ର): କୃଷି ଓ କୃଷକର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ସେଥିପାଇଁ ସରକାର ବଜେଟରେ ସର୍ବାଧିକ ଆର୍ଥିକ ବ୍ୟବସ୍ଥା କୃଷି ପାଇଁ କରିଛନ୍ତି। ଏହାର ଭରପୁର ସୁବିଧା କୃଷକ ବନ୍ଧୁ ମାନଙ୍କ ନିକଟରେ ପହଂଚାଇବାକୁ କୃଷି ବିଭାଗର ଅଧିକାରୀ ଓ କର୍ମଚାରୀ ଯତ୍ନବାନ ହେବାକୁ କ୍ରୀଡା ମନ୍ତ୍ରୀ ତୁଷାରକାନ୍ତି ବେହେରା ପରାମର୍ଶ ଦେଇଛନ୍ତି। ଆଜି ଅପରାହ୍ନରେ ଶରଧାବାଲି ଠାରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଓ ଜିଲ୍ଲା ପ୍ରଶାସନ ସହଯୋଗରେ ୫ ଦିନିଆ ପୁରୀ ଜିଲ୍ଲା ସ୍ତରୀୟ କୃଷି ଯନ୍ତ୍ରପାତି ପ୍ରଦର୍ଶନୀ ଉଦଘାଟିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଏଥିରେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ବେହେରା ଆମ ରାଜ୍ୟ ଲଗାତାର କୃଷି କର୍ମଣ ପୁରସ୍କାର ପାଇ ଚାଲିଛି। ଏହା ଚାଷୀ ଭାଇ ଭଉଣୀ ମାନଙ୍କ ପ୍ରତି ରାଜ୍ୟ ସରକାରଙ୍କ ସକ୍ରିୟ ସହଯୋଗ ଓ କୃଷକ ମାନଙ୍କ ଉଦ୍ୟମର ଫଳ। ଯନ୍ତ୍ରପାତି ପାଇଁ ରିହାତି ଦିଆଯାଉଛି। ତେବେ ଏହାର ଉପଯୋଗ ପାଇଁ କୃଷି ଅଧିକାରୀ ମାନେ କୃଷକ ମାନଙ୍କୁ ପ୍ରଶିକ୍ଷିତ ଦେଇ ସକ୍ଷମ କରିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲା ପରିଷଦ ଅଧକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ ମେସିନ ମାଧ୍ୟମରେ ଚାଷ ପ୍ରଣାଳୀ କୃଷି କୁ ଏକ ନୂତନ ଦିଶା ଦେଇଛି। ଏଥି ପ୍ରତି କୃଷକ ମାନଙ୍କୁ ଆକୃଷ୍ଟ କରିବା ସହ ଏହାର ଉପଯୋଗ ସମ୍ପର୍କରେ ସଚେତନ କରିବାକୁ ଅନୁରୋଧ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ଆମ ଦେଶ ଓ ରାଜ୍ୟ କୃଷି ପ୍ରଧାନ ଅଂଚଳ ଭାବେ ପରିଚିତ। କୃଷି ଓ କୃଷକକୁ ସହାୟତା ପାଇଁ ସରକାର ବିବିଧ ଯୋଜନା କରିଛନ୍ତି। ଉନ୍ନତ ଓ ବୈଜ୍ଞାନିକ ପଦ୍ଧତିରେ ଚାଷ ଯୋଗୁ କୃଷି ରେ ଅଭିବୃଦ୍ଧି ଘଟିଛି ଓ ଉତ୍ପାଦନ ବୃଦ୍ଧି ପାଇବା ଶୁଭ ସଂକେତ। ଏହାକୁ ଆହୁରି ଅଧିକ ଅଗ୍ରଗତି ଆମ ସମସ୍ତଙ୍କ ଉଦ୍ୟମରେ ସମ୍ଭବ ହୋଇପାରିବ ବୋଲି କହିଥିଲେ। କୃଷି ଅଧିକ୍ଷଣ ଯନ୍ତ୍ରୀ ଜଗବନ୍ଧୁ ରାଉତ, ନିର୍ବାହୀ ଯନ୍ତ୍ରୀ ଶ୍ରୀକାନ୍ତ କୁମାର ପରିଡା ପାରମ୍ପରିକ ଚାଷ ପଦ୍ଧତି ଓ ଯନ୍ତ୍ରପାତି ପରିବର୍ତେ ବୈଜ୍ଞାନିକ କୃଷି ପ୍ରଣାଳୀ ଓ ଅତ୍ୟାଧୁନିକ ଯନ୍ତ୍ରପାତି ଦ୍ୱାରା ଚାଷ ସହଜ ହେବା ସହ କୃଷି ଶ୍ରମିକ ଅଭାବକୁ ପୂରଣ କରାଯାଇ ପାରୁଛି ବୋଲି କହିଥିଲେ। ଏହି ମେଳାରେ କୃଷକ ମାନଙ୍କୁ ବିଭିନ୍ନ ଆଧୁନିକ ଯନ୍ତ୍ରପାତିର ପ୍ରଦର୍ଶନ, ତାହାର ଉପଯୋଗ ଓ ଆଗ୍ରହୀ କୃଷକ ମାନଙ୍କୁ ବିକ୍ରୟର ବ୍ୟବସ୍ଥା କରାଯାଇଛି। ମେଳାରେ ପ୍ରାୟ ୪୫ଟି ଷ୍ଟଲ ହେବା ସହ କୃଷକ ମାନଙ୍କ ସହ ଆଲୋଚନାଚକ୍ର, ସେମାନଙ୍କ ସମସ୍ୟା, ଆବଶ୍ୟକତା ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯିବା ବ୍ୟବସ୍ଥା କରାଯାଇଛି। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ମନୋଜ କୁମାର ମହାନ୍ତି ଏଥିରେ ଅଧକ୍ଷତା କରି ସମସ୍ତଙ୍କୁ ସ୍ୱାଗତ କରିବା ସହ ଯନ୍ତ୍ରପାତି ଉପଯୋଗ ଦ୍ୱାରା ସମୟ ଓ ଅର୍ଥ ସଂଚୟର ସଚେତନତା ସମସ୍ତ କୃଷକ ବନ୍ଧୁ ମାନଙ୍କ ନିକଟରେ ପହଂଚାଇବା ଏହି ମେଳାର ପ୍ରକୃତ ଉଦ୍ଦେଶ୍ୟ ବୋଲି କହିଥିଲେ। ଚଳିତ ବର୍ଷ ଜିଲ୍ଲା ପାଇଁ କୃଷି ଯନ୍ତ୍ରପାତି ବିକ୍ରୟର ଧାର୍ଯ୍ୟ ଲକ୍ଷ୍ୟ ୧୦ କୋଟି ମଧ୍ୟରୁ ବର୍ତମାନ ସୁଦ୍ଧା ୮ କୋଟି ୬୮ ଲକ୍ଷ ଟଙ୍କାର ଯନ୍ତ୍ରପାତି ବିକ୍ରୟ ହୋଇ ଥିବା ବେଳେ ଚଳିତ ମେଳାରେ ଏହାର ଲକ୍ଷ୍ୟ ପୂରଣ ହୋଇ ପାରିବ ବୋଲି କୃଷି ବିଭାଗ ଆଶା କରିଛି । କୃଷି ଯନ୍ତ୍ରପାତିରେ ପୁରୁଷ ଚାଷୀ ମାନଙ୍କ ପାଇଁ ଶତକଡା ୪୦ ଭାଗ, ମହିଳା ଚାଷୀଙ୍କୁ ୫୦ ଭାଗ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୭୫ ଭାଗ ରିହାତି ରହିଛି । ଏହି ଅବସରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ପ୍ରସ୍ତୁତ ମିଲେଟ କେକ କୁ ଅତିଥି ମାନେ କାଟିଥିଲେ। ଏହି କାର୍ଯ୍ୟକ୍ରମରେ କୃଷି କାର୍ଯ୍ୟାଳୟ ର ଅନ୍ୟାନ୍ୟ ଅଧିକାରୀ ମାନେ ଯୋଗ ଦେଇଥିଲେ।

ମୋ ଦଳର 'ମଣ୍ଡି ଚଲୋ ଅଭିଯାନ' ତଥା ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ

ସୁବର୍ଣ୍ଣପୁର, ୧୩/୧୨ (ନି.ପ୍ର): ବିଗତ ଦେଢ ଦଶନ୍ଧି ଧରି କୃଷକ ମାନଙ୍କ ଉତ୍ପାଦର ମୂଲ୍ୟ, କୃଷକର ପେନସନ ଏବଂ ପ୍ରେଷ୍ଟିଜ ପାଇଁ ନିରବଚ୍ଛିନ୍ନ ଭାବରେ ସଂଗ୍ରାମ କରି ଆସୁଥିବା ନବ ନିର୍ମାଣ କୃଷକ ସଂଗଠନ ଏବେ ନବ ନିର୍ମାଣ ସ୍ୱରାଜ ସରକାର ପ୍ରତିଷ୍ଠାର ରାଜନୈତିକ ସଂକଳ୍ପ ନେଇ "ମୋ ଦଳ'' ରୂପରେ ଆତ୍ମ ପ୍ରକାଶ କରିଛି। ସଂପ୍ରତି ଓଡିଶାରେ ଚାଲିଥିବା ଅବ୍ୟବସ୍ଥିତ ମଣ୍ଡି ବ୍ୟବସ୍ଥା ଚାଷୀଙ୍କ ଶୋଷଣର ହତିଆର ପଲଟିଛି। ବହୁ କଷ୍ଟ ଉତ୍ପାଦିତ ଧାନରୁ କୁଇଂଟାଲ ପିଛା ଦୁଇରୁ ଦଶ କେଜି ଯାଏ କଟଣି ହେଉଛି ।ମଣ୍ଡି ମାନଙ୍କୁ ଖଳା ନାହିଁ କି ସୁରକ୍ଷିତ ଗୋଦାମ ନାହିଁ । ପାଣି ଏବଂ ସୁରକ୍ଷା ବ୍ୟବସ୍ଥା ତ ଦୂରର କଥା। ଉତ୍ପାଦ ଅନୁସାରେ ଟୋକନ୍ ଆସୁନାହିଁ ।ଚାଷୀଙ୍କୁ ବସ୍ତା ବିଆଯାଉନାହି। ନିୟମାନୁସାରେ ନଭେମ୍ବର ପହିଲାରୁ ମଣ୍ଡିରେ ଧାନକିଣା ହେବାକୁ ଥିଲେ ବି ଆଜିଯାଏ ଏ ଅଂଚଳର ବହୁତ୍ ମଣ୍ଡି ରେ ଆରମ୍ଭ ହୋଇ ନାହିଁ ଯାହାଫଳରେ ବିଗତ ଲଘୁଚାପ ଫଳରେ ମଣ୍ଡି ଯିବା ଅପେକ୍ଷାରେ ଖୋଲା ଖଳା ମାନଙ୍କରେ ହଜାଉ ହଜାର କୁଇଂଟାଲ ଧାନ ଓଦା ହୋଇ ପଡିଛି। ପଂଚମ କାରର ଜିଲ୍ଲା ସୁବର୍ଣ୍ଣପୁରର ୫ମ (ମୁଗ, ମଠା, ମାଛ, ମନ୍ଦିର ଆଦି)କ୍ଷେତ୍ର ଯେମିତି ଅବହେଳିତ ସେମିତି ଷଷ୍ଠ ମ ଆକାରରେ ମଣ୍ଡି ବ୍ୟବସ୍ଥାର ଅବସ୍ଥା ଦୟନୀୟ ।ଅନେକ ଧାନ ଖୁଚୁରା ବେପାରୀ ହାତକୁ କୁଇଂଟାଲ ୧୪୦୦ ଦରରେ ଚାଲି ଗଲାଣି । ଚାଷୀ ରାସ୍ତା ଉପରେ ଧାନ ଶୁଖାଉଛି ।ଏବେ ସରକାରୀ ଏଜେଂଟ ଯୋଗାଣ ବିଭାଗ, ପିଏସିଏସ୍ ସଂପାଦକ ଏବଂ ଆର୍ ଏମ୍ ସି ପ୍ରତନିଧିଙ୍କ ଆଖି ଆଗରେ ମିଲ ମାଲିକ ଶୋଷଣ କରିବେ ୨ କେଜି ରୁ ୧୦ କେଜି । ଏସବୁକୁ ରୋକିବାକୁ ମୋ ଦଳ ର ଏ 'ମଣ୍ଡି ଚଲୋ ଅଭିଯାନ' ତଥା ଆନ୍ଦୋଳନ। ଚଷୀଙ୍କୁ ସଚେତନ କରିବା ତଥା ସୁରକ୍ଷା ଦେବା ପାଇଁ ଆଜି ସୋନପୁର ଜିଲ୍ଲାର ସମସ୍ତ ବ୍ଲକରୁ ଆସିଥିବା କୃଷକ ପ୍ରତିନିଧି ମାନଙ୍କୁ ନେଇ ମୋ ଦଳର ଏଇ ସାଙ୍ଗଠନିକ ବୈଠକ। କୃଷକଙ୍କୁ ସାମାନ୍ୟ ଅବହେଳାରେ ଆନ୍ଦୋଳନ ଦୁର୍ବାର ହେବ ବୋଲି ନବ ନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଭାପତି ତଥା ମୋ ଦଳର କାର୍ଯ୍ୟକାରୀ ସଭାପତି ଅକ୍ଷୟ କୁମାର ଏ ସଭାରେ ଉଦ୍‌ବୋଧନ ଦେଇଛନ୍ତି। ସଂଗଠନ ର ଉପଦେଷ୍ଟା ତଥା ଦଳର ଉପସଭାପତି ରାଜେନ୍ଦ୍ର ମିଶ୍ର କହିଛନ୍ତି ସଂଗଠନ ଏ ଥର ଅଧିକାଂଶ ମଣ୍ଡି ପରିଦର୍ଶନ କରି ଏହାର ଅବ୍ୟବସ୍ଥା ତଥା ସେଠାରେ ଚାଲିଥିବା ଲୁଟ୍‌ର ପର୍ଦ୍ଦାଫାଶ କରିବ। ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ କୁମାର ଏ ଅଭିଯାନରେ ନିର୍ଭୀକ ଭାବରେ ସାମିଲ ହେବା ପାଇଁ ସବୁ ଚାଷୀ ଭାଇମାନଙ୍କୁ ଆହ୍ୱାନ କରିବା ସହ ସମସ୍ତ ଅତିଥିମାନଙ୍କୁ ଧନ୍ୟବାଦ୍ ଅର୍ପଣ କରିଛନ୍ତି।

ଖଜୁରୀ ଗଛ ମୂଳରୁ ମହିଳାଙ୍କ ଗଳିତ ଶବ ଉଦ୍ଧାର

ଖୋର୍ଦ୍ଧା, ୧୩/୧୨ (ନି.ପ୍ର): ବାଲୁଗାଁ ଥାନା ଅନ୍ତର୍ଗତ କଂସାରି ବ୍ରିଜ ନିକଟସ୍ଥ ଏକ ଖଜୁରୀ ଗଛ ମୂଳରୁ ଜଣେ ମହିଳାଙ୍କ ଗଳିତ ଶବକୁ ଉଦ୍ଧାର କରିଛି ବାଲୁଗାଁ ପୋଲିସ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡ଼ିଛି। ସୂଚନା ମୁତାବକ, ମଙ୍ଗଳବାର ସକାଳେ ଲମ୍ବୋଦରପୁର ଓ ବାଙ୍କିଆପଲ୍ଲୀ ଗ୍ରାମ ମଧ୍ୟରେ ଥିବା କଂସାରି ବ୍ରିଜ ନିକଟସ୍ଥ ଏକ ଖଜୁରୀ ଗଛ ମୂଳରେ ଜଣେ ମହିଳାଙ୍କ ଗଳିତ ଶବ ପଡ଼ିଥିବା ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଂଚି ଶବ ଜବତ କରିଛି। ତେବେ ମହିଳାଙ୍କ ଘର ଲମ୍ବୋଦରପୁର ଗ୍ରାମରେ ଏବଂ ସେ ସ୍ୱର୍ଗତ ରାଘବ ସିଂହଙ୍କ ଝିଅ ବାସନ୍ତି ସିଂହ ବୋଲି ଜଣାପଡିଛି। ତେବେ ସେ ବିକୃତ ମସ୍ତିଷ୍କର ହୋଇଥିବା ସୂଚନା ମିଳିଛି। ତାଙ୍କ ବୟସ ଆନୁମାନିକ ୪୫ ବର୍ଷ ହେବ। ଶବଟି ଦୀର୍ଘ ଦିନରୁ ସେଠାରେ ପଡିରହିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି। ତେବେ ମହିଳାଙ୍କ ମୃତ୍ୟୁ ସନ୍ଦେହଘେରରେ ଥିବାବେଳେ ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

୧୪ରୁ ଖରିଫ ମଣ୍ଡି: ଏ ଯାଏଁ ଚାଷୀଙ୍କୁ ମିଳିନି ଟୋକନ୍

ଜୟପୁର: ଦିନକ ପରେ ଖରିଫ ମଣ୍ଡି ପାଇଁ ଜିଲ୍ଲା ଧାନ କିଣା କମିଟି ବୈଠକରେ ନିଷ୍ପତ୍ତି ହୋଇଥିଲା। ତେବେ ଏଯାଏଁ ଗୋଟିଏ ବି ଚାଷୀଙ୍କୁ ଧାନ ବିକ୍ରି କରିବାକୁ ଟୋ?ାକେନ୍ ମିଳିନି। ସେଭଳି ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ଧାନ କିଣିବା ପାଇଁ ରହିଥିବା କ୍ରୟକାରୀ ସଂସ୍ଥା ଲ୍ୟାମ୍ପ, ମହିଳା ସ୍ୱୟଂ ସହାୟକ ଦଳ ଓ ପାଣିପଂଚାୟତ ଚୁକ୍ତି ନାମ କରିନାହାନ୍ତି। ଏହାଫଳରେ ଧାନ ଉଠାଇବାକୁ କ୍ରୟକାରୀ ସଂସ୍ଥାକୁ 'ସାସ୍' ଦିଆଯାଇନି। ସେଭଳି ଧାନ ନେଇ ଚାଉଳ ଦେବାକୁ ଥିବା ମିଲର୍ସଙ୍କ ମଧ୍ୟରେ ୯୭ରୁ ୮୧ଜଣ ଇଚ୍ଛାପତ୍ର ଦେଇଥିବା ବେଳେ ଚୁକ୍ତିନାମା ଏଯାଏଁ ହୋଇପାରିନି।

ଅପରପକ୍ଷରେ ଚୁକ୍ତିନାମା ସରିବା ପରେ ହିଁ 'ମାସ୍' ଦିଆଯିବ। କୋରାପୁଟ ଜିଲ୍ଲାରେ ୯୯ହଜାର ହେକ୍ଟର ଜମିରେ ଖରିଫ ଧାନ ଚାଷ କରାଯାଉଛି। ଚଳିତ ମାସ ୧୪ରୁ ଆରମ୍ଭ ହେବ ମଣ୍ଡି। ଜିଲ୍ଲାରେ ଚଳିତ ବର୍ଷ ଜୟପୁର ଉପଖଣ୍ଡରେ ୭୭ଟି ଓ କୋରାପୁଟ ଉପଖଣ୍ଡରେ ୨୭ଟି ଏଭଳି ୧୦୪ଟି ମଣ୍ଡିରେ ଧାନ କିଣାଯିବାକୁ ପ୍ରଶାସନ ନିଷ୍ପତି ନେଇଛି। ଖରିଫ ମଣ୍ଡିରେ ୨୦ଟି ଲ୍ୟାମ୍ପ, ୨୩ଟି ଏସଏଚଜି, ୨ଟି ପାଣିପଂଚାୟତ କ୍ରୟକାରୀ ସଂସ୍ଥା ଜରିଆରେ ଧାନ ବିକ୍ରୀ କରିବାକୁ ୪୧ହଜାର ୭୩୬ଜଣ ଚାଷୀ ପଂଜୀକରଣ କରିଥିଲେ। ଏମାନଙ୍କ ମଧ୍ୟରୁ ୪୪୬ଜଣ ଭୁତ ଚାଷୀଙ୍କୁ ସରକାର ଚିହ୍ନଟ କରିଛନ୍ତି। ୨୨ଟି ମହିଳା ଏସଏଚଜି, ୨୦ଟି ଲ୍ୟାମ୍ପ ଓ ୩ଟି ପାଣି ପଂଚାୟତ ଦ୍ୱାରା ଧାନ କିଣାଯିବ। ସନ୍ଦିଗ୍ଧ ପ୍ଲଟ ୨୧ହଜାର ୮୦୪ରୁ ୨୧ହଜାର ୭୮୭ପ୍ଲଟର ଯାଂଚ ସରିଥିବା ବେଳେ ୧୭ଟି ପ୍ଲଟର ଯାଂଚ ବାକି ରହିଛି। ସଂପ୍ରତି ଜାରି ରହିଥିବା ବେଳେ ଏହାରି ମଧ୍ୟରେ ୨୧ହଜାର ୭୮୭ପ୍ଲଟର ପ୍ରାଥମିକ ଯାଂଚ ପରେ ୬୦୩୬ଟି ପ୍ଲଟରେ ଚାଷ କରୁଥିବା ଚିହ୍ନଟ ହୋଇଥିବା ବେଳେ ୨ହଜାର ୩୬୨ଟି ପ୍ଲଟ ସଂପୂର୍ଣ୍ଣ ଖାଲି ପଡ଼ିଥିବା ବେଳେ ଧାନ ବଦଳରେ ଅନ୍ୟାନ୍ୟ ଚାଷ ୧୩ହଜାର ୩୮୯ଟିରେ ହୋଇଛି। ବଳକା ୧୭ଟି ପ୍ଲଟର ସର୍ଭେ ଆଉ ଦୁଇ ଦିନ ମଧ୍ୟରେ ସରିବ ବୋଲି ଡିଆରସିଏସ୍ କାର୍ଯ୍ୟାଳୟରୁ ସୂଚନା ମିଳିଛି। ଆରଏମସି (ନିୟନ୍ତ୍ରିତ ବଜାର କମିଟି)ପକ୍ଷରୁ ମଣ୍ଡି ପାଇଁ ପଲିଥିନ୍ ଠାରୁ ଆରମ୍ଭ କରି ଅସ୍ଥାୟୀ ଧାନ କିଣା ମଣ୍ଡପ, ପାଣି ଆଦିର ବ୍ୟବସ୍ଥା କରାଯାଇଛି। ଅପରପକ୍ଷରେ ପ୍ରଶାସନର ମଣ୍ଡି ପାଇଁ ଢ଼ିଲାପଣ ଓ ପ୍ରସ୍ତୁତି ଯେଭଳି ହେବା କଥା ହୋଇପାରିନି। ଅପରପକ୍ଷରେ ୯୮ପ୍ରତିଶତ ଚାଷୀ ଧାନ କାଟି ଅମଳ କରିସାରିଲେଣି। ପଡୋଶୀ ରାଜ୍ୟ ଛତିଶଗଡ ଓ ଆନ୍ଧ୍ରପ୍ରଦେଶର ଦଲାଲ ମାନେ ଏଠାରେ ଡ଼େରା ପକାଇ ଚାଷୀଙ୍କ ଠାରୁ ସିଧାସଳଖ ଧାନ କିଣି ଆନ୍ଧ୍ର ଓ ଛତିଶଗଡକୁ ଚାଳାଣ ଆରମ୍ଭ କରିଥିବା କିଛି ମିଲର୍ସ କହିଛନ୍ତି। ଏପରିକି କିଛି ମିଲର୍ସ ଓ ଧାନ ବ୍ୟବସାୟୀ ମାନେ ବି ଏ ଦିଗରେ ସଂପୂର୍ଣ୍ଣ ସହଯୋଗ କରୁଥିବା ମିଲର୍ସ ମାନେ କହିଛନ୍ତି। ଚାଷୀଙ୍କ ନିକଟକୁ ଯାଇ ଦଲାଲ ମାନେ କୁଇଣ୍ଟାଲ ପିଛା ୨ହଜାର ଟଙ୍କା ହାତରେ ଦେଇ ଘର ଦାଣ୍ଡରେ ଧାନ ଓଜନ କରି ନେଉଛନ୍ତି। ବାହାର ରାଜ୍ୟକୁ ଧାନ ଯାଉଥିବା ସଂପର୍କରେ ଜିଲ୍ଲା ଯୋଗାଣ ବିଭାଗ ନିକଟରେ ସୂଚନା ରହିଛି। ତେବେ ୯୭ମିଲର୍ସ ମଧ୍ୟଙ୍କ ମଧ୍ୟରୁ ୧୫ଟି ମିଲର୍ସ ୪୮ହଜାର ୩୨୧କୁଇଣ୍ଟାଲ ଚାଉଳ ଦେଇ ନଥିବାରୁ ଚୁକ୍ତିନାମା ପ୍ରକ୍ରିୟା ଆରମ୍ଭ ହୋଇ ପାରିନଥିବା ଜିଲ୍ଲା ଯୋଗାଣ ବିଭାଗ ସୂତ୍ରରୁ ସୂଚନା ମିଳିଛି। ଏହି ସ୍ଥିତିରେ ଆସନ୍ତା ୧୪ତାରିଖରୁ ଆରମ୍ଭ ହେବାକୁ ଥିବା ମଣ୍ଡି କେବଳ ସରକାରୀ ଭାବେ ଉଦଘାଟନ ହେବ ଏବଂ ବିଧିବଦ୍ଧ ଭାବେ ଏହି ମାସର ଶେଷ ସପ୍ତାହରୁ ହିଁ ମଣ୍ଡି ଆରମ୍ଭ ହେବ ବୋଲି କିଛି ମିଲର୍ସ କହିଛନ୍ତି।

ବାଲନ୍ଦାପଡାରେ ମା' ଗୃହ ସେବା ସମ୍ପର୍କିତ ଆଲୋଚନାଚକ୍ର

କନ୍ଧମାଳ, ୧୩/୧୨ (ନି.ପ୍ର): ଶିଶୁ ଓ ମାତୃ ମୃତ୍ୟୁ ହାର କମାଇବାରେ ଆନୁଷ୍ଠାନିକ ପ୍ରସବର ମହତ୍ୱ ଯଥେଷ୍ଟ ଅଧିକ । ଜନ ସଚେତନତା ସୃଷ୍ଟି କରାଇ ଉପାନ୍ତ ଅଂଚଳ ଗୁଡିକରେ ସମସ୍ତ ଗର୍ଭବତୀଙ୍କୁ ଘରୋଇ ପ୍ରସବରୁ ନିବୃତ କରାଇବା ନିମନ୍ତେ ଜିଲ୍ଲାରେ ୧୧ ଗୋଟି ମା ଗୃହ ବିଭିନ୍ନ ସ୍ଥାନରେ ଜିଲ୍ଲା ସ୍ୱାସ୍ଥ୍ୟସମିତି କନ୍ଧମାଳଙ୍କ ଦ୍ୱାରା ସ୍ଥାପନ କରାଯାଇଥିବା ବେଳେ ବାଲନ୍ଦାପଡା ମା ଗୃହ ସେଥିମଧ୍ୟରୁ ଅନ୍ୟତମ । ଏହି ମା ଗୃହରୁ ବାଲନ୍ଦାପଡା ଅଂଚଳର ବାଲନ୍ଦାପଡା, ଲୁଇସିଂ, କୁଏରମାଣ୍ଡୁ, ପାହିରାଜୁ, ପକାରି ଓ କ୍ରାଣ୍ଡିବାଲି ଆଦି ୬ଟି ପଂଚାୟତର ଅଧିବାସୀ ମାନେ ଏଥିରୁ ଲାଭବାନ ହେଉଛନ୍ତି । କିନ୍ତୁ, ଅବୁଝା ଭାବେ ରହିଯାଉଥିବା ପରିବାରଙ୍କୁ ସଚେତନ କରିବା ନିମନ୍ତେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ, କନ୍ଧମାଳଙ୍କ ମିଳିତ ସହଯୋଗରେ ସ୍ଥାନୀୟ ଗ୍ରାମପଂଚାୟତ ବୌଠକ ଗୃହ୍ର ଠାରେ ମାତୃଗୃହ ସେବା ସମ୍ପର୍କିତ ଏକ ଆଲୋଚନା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏଥିରେ ଫିରିଙ୍ଗିଆ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରି ସଜନୀ ପ୍ରଧାନ ଅତିଥି ଭାବେ ଯୋଗଦେଇ ମାତୃଗୃହରେ ରହିଲେ ଆସନ୍ନ ପ୍ରସବା ମାନଙ୍କୁ ମିଳୁଥିବା ସୁବିଧା ବିଷୟରେ କହିବା ସହ ଗ୍ରାମାଅଂଚଳରେ ଥିବା ଖରାପ ଚିନ୍ତାଧାରାକୁ ଦୂରେଇ ଅନୁଷ୍ଠାନରେ ପ୍ରସବ କରାଇବାକୁ ଆହ୍ୱାନ ଦେଇଥିଲେ। ତତ୍ ସହିତ ଫିରିଙ୍ଗିଆ ମହିଳା ଓ ଶିଶୁବିକାଶ ପର୍ଯ୍ୟବେକ୍ଷିକା ଅପନ୍ନା ଦିଗାଲ, ସ୍ୱାସ୍ଥ୍ୟ ପରିଦର୍ଶୀକା ଇନ୍ଦିରା ପ୍ରଧାନ ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ ଗୋପାଳକୃଷ୍ଣ ଡାକୁଆ ଯୋଗଦେଇ ମାତୃ ଓ ଶିଶୁ ମୃତ୍ୟୁହାର ବଢାଇବାରେ ବାଲ୍ୟବିବାହ କିପରି ପ୍ରଭାବ ପକାଉଛି ତାହା ଉପସ୍ଥାପନା କରିଥିଲେ ଏବଂ ମା ଗୃହରେ ରହି ଡାକ୍ତରଖାନାରେ ପ୍ରସବ ହେବା ନିମନ୍ତେ ବୁଝାଇଥିଲେ । ଅନୁଷ୍ଠାନ ତରଫରୁ ଏ.ଏନ୍.ଏମ୍. ପୁଷ୍ପିତା ସାହୁ ଉପସ୍ଥିତ ରହି ସୁରକ୍ଷିତ ମାତୃତ୍ୱ ଲାଭ ନିମନ୍ତେ ମା ଗୃହରେ ରହଣି ଓ ଆନୁଷ୍ଠାନିକ ପ୍ରସବର ଗୁରୁତ୍ୱକୁ ବୁଝାଇବା ସହ ସେବା ଗୁଡିକ କିପରି ଅନୁଷ୍ଠାନ ସହ ସଂଯୋଗିକରଣ କରୁଛି ତାହା ଜଣାଇଥିଲେ ।

ଜାମଗାଁରେ ଯୁବ ଓଡ଼ିଶା କାର୍ଯ୍ୟକ୍ରମର ଚତୁର୍ଥ ଦିବସ

ବଲାଙ୍ଗିର, ୧୩/୧୨ (ନି.ପ୍ର): ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ ଆଂଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଜାମଗାଁ ରେ ନୂଆ ଓ ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମର ଚତୁର୍ଥ ଦିବସରେ ଅନୁଷ୍ଠାନର ଅଧକ୍ଷ ଶିବ ଶଙ୍କର ଉଦ୍‌ଗାତା ସଭାରେ ପୌରହିତ୍ୟ କରିଥିବା ବେଳେ ଅନୁଷ୍ଠାନର ପୂର୍ବତନ ସଂପାଦକ ଶିବ ପ୍ରସାଦ ଭଞ୍ଜ ମୁଖ୍ୟଅତିଥି ଭାବରେ ଯୋଗଦେଇ ଆଜିର ସାମାଜିକ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ଏହି ପରେ ଛାତ୍ର ଛାତ୍ରୀମାନେ ବହୁ ସଂଖ୍ୟାରେ ଯୋଗଦେଇ ବହୁ ଜନ ସଚେତନତା କାର୍ଯ୍ୟକ୍ରମର ଅଂଶ ସ୍ୱରୁପ ଶୋଭାଯାତ୍ରା ବା ରେଲି କରି ଜାମଗାଁ ଗ୍ରାମ ପରିକ୍ରମା କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ପଥପ୍ରାନ୍ତ ନାଟକରେ ଛାତ୍ର ଛାତ୍ରୀ ମାନେ ଅଂଶଗ୍ରହଣ କରି ଦର୍ଶକମାନଙ୍କ ମନ ମୋହିଥିଲେ। ସ୍ୱଚ୍ଛତା, ବାଲ୍ୟବିବାହ ନିରୋଧ, ଯୌତୁକ ପ୍ରଥା ନିରକ୍ଷରତା, ମ୍ୟାଲେରିଆ, ଡେଙ୍ଗୁ, ସର୍ପ ଦଂଶନ, ଗୁଣିଗାରେଡି ଆଦି ସାମାଜିକ ବ୍ୟାଧି ଉପରେ ଶ୍ଳୋଗାନ ତଥା ପଥପ୍ରାନ୍ତ ନାଟକ ମାଧ୍ୟମରେ କାର୍ଯ୍ୟକ୍ରମମାନ ପରିବେଷଣ କରିଥିଲେ ଯାହାକି ଚିତାକର୍ଷକ ଥିଲା। ଏହି କାର୍ଯ୍ୟକ୍ରମକୁ ଇଂରାଜୀ ଅଧାପକ ହେମ ସାଗର ସ୍ୱାଇଁ ପରିଚାଳନା କରିଥିବା ବେଳେ ଅଧାପକ ଦାସରଥି ପଟେଲ, ଶୋଭାକର ବିଶ୍ୱାଳ, ସି.ଭୋଇ, କିରାଣୀ ପିତାମ୍ବର କର୍ମୀ, ଖେଳ ଶିକ୍ଷକ ଅଶୋକ ଭଞ୍ଜ, ଲାଇବ୍ରେରୀଆନ ନନ୍ଦିକିଶୋର କର୍ମୀ ତଥା ଅନ୍ୟାନ୍ୟ କର୍ମଚାରୀମାନେ, ସମସ୍ତ ଛାତ୍ର ଛାତ୍ରୀମାନେ ସକ୍ରୀୟ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ

ମସ୍ତିଷ୍କର ସ୍ୱାସ୍ଥ୍ୟ

ଅନେକଙ୍କ କ୍ଷେତ୍ରରେ ବୟସ ବଢ଼ିବା ସହ ମସ୍ତିଷ୍କର କାର୍ଯ୍ୟ ଦକ୍ଷତା କମେ ଏବଂ ସ୍ମୃତିଶକ୍ତି ହ୍ରାସପାଏ। ତେବେ, ଜଣେ ଚାହିଁଲେ ବେଳ ଥିବା ବେଳ, ଖାଦ୍ୟ ଓ ଜୀବନ ଶୈଳୀରେ ପରିବର୍ତନ ଆଣି, ମସ୍ତିଷ୍କର ସାମର୍ଥ୍ୟକୁ ଅନେକ ଦିନ ପର୍ଯ୍ୟନ୍ତ ଅତୁଟ ରଖିପାରେ। ଖାଦ୍ୟ: ପଚାଶ ପରେ ଅଧିକ ସ୍ନେହସାର ଯୁକ୍ତ ଖାଦ୍ୟ ମସ୍ତିଷ୍କର ସ୍ୱାସ୍ଥ୍ୟ ନଷ୍ଟକରେ। ଜଟିଳ ଶ୍ୱେତସାର ଜାତୀୟ ଖାଦ୍ୟ ଯଥା ଆଳୁ, ସଂପୂର୍ଣ୍ଣ ଶସ୍ୟ ସହ ଓମେଗା-୩ ଥିବା ମାଛ, ଫଳ-ମୂଳ ଓ ପନିପରିବା ନିୟମିତ ଖାଆନ୍ତୁ।

ସୁରା ଓ ଧୂମପାନ: ଦିନରେ ଦୁଇ ପେଗରୁ ଅଧିକ ସୁରାପାନ କରନ୍ତୁ ନାହିଁ। କୌଣସି ପ୍ରକାରର ଅବୈଧ ନିଶା ଦ୍ରବ୍ୟ ସେବନ କରନ୍ତୁ ନାହିଁ। ଧୂମପାନ ସଂପୂର୍ଣ୍ଣ ପରିତ୍ୟାଗ କରନ୍ତୁ।

ବ୍ୟାୟାମ: ବ୍ୟାୟାମ କରୁନଥିବା ଲୋକଙ୍କ ମସ୍ତିଷ୍କର କାର୍ଯ୍ୟଦକ୍ଷତା ଶୀଘ୍ର ହ୍ରାସପାଏ। ୬୦-୭୫ ବର୍ଷ ବୟସ୍କ ବ୍ୟକ୍ତିମାନେ ଦୈନକ ଘଂଟେରୁ ଦେଢ଼ଘଂଟା ଏରୋବିକ ବ୍ୟାୟାମ କରିବା ଉଚିତ।

ଯେଉଁମାନେ ପୂର୍ବରୁ କୌଣସି ବ୍ୟାୟାମ କରି ନଥିବେ, ସେମାନେ ଚିକିତ୍ସକଙ୍କ ପରାମର୍ଶ ନେଇ ବ୍ୟାୟାମ ଆରମ୍ଭ କରନ୍ତୁ। ସର୍ବଦା ପ୍ରଶିକ୍ଷକଙ୍କ ଉପସ୍ଥିତିରେ ବ୍ୟାୟାମ କରନ୍ତୁ।

ଔଷଧ: ବୟସ ବିବା ସହ ଔଷଧର ଆବଶ୍ୟକତା ବଢ଼େ। ବୟସ୍କଙ୍କ କ୍ଷେତ୍ରରେ ଔଷଧ ବଦଳାଇବା ଅନୁଚିତ।

ଅବସାଦ: ମାନସିକ ଅବସାଦ ମସ୍ତିଷ୍କର ସ୍ୱାସ୍ଥ୍ୟ ନଷ୍ଟ କଲେ ଚିକିତ୍ସା ନକଲେ ଅବସାଦ କ୍ରମଶଃ ବଢ଼ି ଗୁରୁତର ପରିସ୍ଥିତି ସୃଷ୍ଟି କରେ। ତେଣୁ ମନରେ ସ୍ୱାସ୍ଥ୍ୟ ଅତୁଟ ରଖିବାକୁ ଚେଷ୍ଟା କରନ୍ତୁ।

ଔଷଧର ପାର୍ଶ୍ୱ ପ୍ରତିକ୍ରିୟା ଅଧିକ। ଏହା ଜାଣି ନପାରିଲେ ବିପଦ। ତେଣୁ ମନଇଚ୍ଛା ଔଷଧ ଖାଇବା ତଥା ଚିକିତ୍ସକଙ୍କ ପରାମର୍ଶ ନନେଇ

ଚଷମାବାଲୀଙ୍କ ପାଇଁ ମେକ୍-ଅପ୍ ଟିପ୍ସ

ଅନେକ ଚଷମାକୁ ମହିଦଳାଙ୍କ ସୌନ୍ଦର୍ଯ୍ୟ କ୍ଷେତ୍ରରେ ପ୍ରତିବନ୍ଧ ମନେକରନ୍ତି। ତେବେ ଏହି ଧାରଣା ଭ୍ରମାତ୍ମକ। ଚଷମା ପିନ୍ଧୁଥିଲେ ବି ମେକ-ଅପ ନେବାରେ କୌଣସି ସମସ୍ୟା ନାହିଁ। କେବଳ ଠିକ୍ ଭାବେ ମେକଅପ ନେଇପାରିଲେ ହେଲା; ଚମକିବେ। କେତେକ ଟିପ୍ସ:

- ଆଖିରେ ଦଇ ପରସ୍ତ ମସ୍କାରା ସହ ଆଇଲେସ୍ ବ୍ୟବହାର କରନ୍ତୁ।
- ନିୟମିତ ବ୍ୟବଧାନରେ ଭୁଲତାର ଥ୍ରେଡିଂ କରାନ୍ତୁ। ମୋଟା ଫ୍ରେମ୍‌ବାଲା ବଡ଼ ଚଷମା ପିନ୍ଧୁଥିଲେ, ଭୁଲତା ପତଳା ରଖନ୍ତୁ ଏବଂ ବିପରୀତ ପିନ୍ଧୁଥିଲେ ମୋଟା ରଖନ୍ତୁ।
- ଆଖିକୁ ଧୂମ୍ରାଭ (ସ୍ମୋକି ଆଇ) ଦେଖାଇବା ପାଇଁ ଦୁଇ ପରସ୍ତ ଆଇଲାଇନର ସହ ପତାରେ ଅଳ୍ପ ସ୍ମୁଜ୍ ବ୍ୟବହାର କରନ୍ତୁ।
- ଚଷମା ପିନ୍ଧୁଥିବା ମହିଳାଙ୍କ ଆଖି ତଳେ, କଡ଼ରେ କଳା ଦାଗ ଦିଶିବା ସାଧାରଣ। ଏହା ଦ୍ୱାରା ବିଚଳିତ ନହୋଇ କନ୍‌ସିଲର୍ ବ୍ୟବହାର କରନ୍ତୁ।
- କଳା ପେନସିଲ୍ ଲାଇନର୍ ପାଖରେ ରଖନ୍ତୁ।
- ଚଷମାବାଲୀମାନେ ଲିପଷ୍ଟିକ, ଲିପଗ୍ଲସ ଓ ବ୍ଲସର ବ୍ୟବହାର କରିବାକୁ ଭୟ କରନ୍ତୁ ନାହିଁ।

ଡାଲଚିନି ନିୟନ୍ତ୍ରଣ କରେ ମେଦବୃଦ୍ଧି

ଡାଇବେଟିସ ଓ ମେଦବହୁଳ ଲୋକଙ୍କ ପାଇଁ ଏକ ଖୁସି ଖବର। ଡାଲଚିନିର ବ୍ୟବହାର କରି ଡାଇବେଟିସ୍ ଓ ମୋଟାପଣକୁ ନିୟନ୍ତ୍ରଣ କରାଯାଇପାରିବ। ଭାରତୀୟମାନଙ୍କ ଉପରେ ହୋଇଥିବା ଏକ ରିସର୍ଚ୍ଚରୁ ଜଣାପଡ଼ିଛି ଦୈନିକ ୩ ଗ୍ରାମ ଡାଲଚିନି ପାଉଡ଼ର ଖାଇଲେ ମେଦବୃଦ୍ଧି ନିୟନ୍ତ୍ରଣ କରାଯାଇପାରିବ। ଏହାଦ୍ୱାରା ଅଂଟା ପାଖରେ ଜମିଥିବା ଚର୍ବି କମ ହେବା ସହ କୋଲେଷ୍ଟ୍ରୋଲ ଓ ହାଇ ବ୍ଲଡ଼ପ୍ରେସରକୁ ମଧ୍ୟ ନିୟନ୍ତ୍ରଣରେ ରଖାଯାଇପାରିବ। ରିସର୍ଚ୍ଚ ବେଳେ ଡାଇବେଟିସ୍ ପାଇଁ ଡାଲଚିନି ଏକ ଅମୋଘ ଔଷଧ ବୋଲି ଜଣାପଡ଼ିଛି। ଏମସ ଓ ଦିଲ୍ଲୀ ୟୁନିଭର୍ସିଟି ଫୋର୍ଟିସ ସିଡ଼ିଓସି ହସପିଟାଲ ପକ୍ଷରୁ ମିଳିତ ଭାବେ ହୋଇଥିବା ଏହି ରିସର୍ଚ୍ଚରେ ୧୩୦ଜଣ ରୋଗୀଙ୍କୁ ୧୬

ସପ୍ତାହ ଧରି ଡାଲଚିନି ପାଉଡ଼ର ଦିଆଯାଇଥିଲା। ପ୍ରତ୍ୟେକ ରୋଗୀଙ୍କୁ ଦୈନକ ୩ଗ୍ରାମ ଡାଲଚିନି ପାଉଡ଼ର ଦିଆଯାଇଥିଲା, ଯେଉଁଥିରେ ସେମାନଙ୍କ ଓଜନ ୩.୮ ପ୍ରତିଶତ କମିଯାଇଥିବା ଦେଖାଯାଇଥିଲା। ସେହିଭଳି ଶରୀରର ଚର୍ବି ୪.୩ ପ୍ରତିଶତ ଓ ଅଣ୍ଟା ଚଉଡ଼ା ୫.୩ ପ୍ରତିଶତ କମିଯାଇଥିଲା। ବ୍ଲଡ଼ପ୍ରେସର ୯.୭ ପ୍ରତିଶତ କମିଥିଲା ଓ ରକ୍ତରେ ଫାଷ୍ଟିଂ ଗ୍ଲୁଗୋଜ୍‌ର ସ୍ତର ୭.୧ ପ୍ରତିଶତ କମିଯାଇଥିଲା। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଦୈନିକ ୩ ଗ୍ରାମ ଡାଲଚିନି ପାଉଡ଼ର ଖାଇଥିଲେ ମଧ୍ୟ ରୋଗୀଙ୍କର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ହୋଇ ନଥିଲା। ଏହି ରିସର୍ଚ୍ଚ ସମ୍ପର୍କରେ ଅନ୍ତର୍ଜାତୀୟ ପତ୍ରିକା 'ଲିପିଡ୍ ଇନ୍ ହେଲଥ୍ ଡିଜିଜ୍‌ରେ ପ୍ରକାଶ ପାଇଛି।

ଶୀତ ଋତୁରେ ଡ୍ରାଏ ସ୍କିନ୍‌କୁ କରୁନ୍ତୁ ବାଏ ବାଏ: ଆପଣାନ୍ତୁ ଏହି ଘରୋଇ ଉପଚାର

ଶୀତ ଋତୁରେ ଅଧିକାଂଶ ଲୋକ ଶୁଷ୍କ ତ୍ୱଚା ଯୋଗୁଁ ଅସୁବିଧାରେ ପଡନ୍ତି। ଚର୍ମକୁ ନରମ ରଖିବା, ବିଶେଷତଃ ପରିବର୍ତ୍ତିତ ଋତୁରେ, ଏହା ଏକ ଚ୍ୟାଲେଞ୍ଜ ଠାରୁ କମ୍ ନୁହେଁ। ଚର୍ମକୁ ନରମ ରଖିବା ପାଇଁ ଆମେ କେତେ ଘରୋଇ ଉପଚାର ଗ୍ରହଣ କରିଥାଏ। କିନ୍ତୁ ଅନେକ ଥର ଆମେ ଚାହୁଁଥିବା ଫଳାଫଳ ପାଉନାହୁଁ । ଫଳସ୍ୱରୂପ ଆମ ତ୍ୱଚା ଶୁଷ୍କ ରହିଥାଏ। ଚର୍ମକୁ ନରମ ରଖିବା ପାଇଁ ପ୍ରଥମେ ଆମ ଖାଦ୍ୟର ଯତ୍ନ ନେବା ଉଚିତ୍ । ଖାଦ୍ୟର ଯତ୍ନ ନେବା ସହିତ, କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅଛି । ଯାହାକୁ ଆମେ ଆମର ଦୈନନ୍ଦିନ ଜୀବନରେ ଅନ୍ତର୍ଭୁକ୍ତ କରିବା ଉଚିତ । ଆସନ୍ତୁ ଜାଣିବା ସେହି ଜିନିଷ ଗୁଡ଼ିକ ବିଷୟରେ... ଯାହା ବ୍ୟବହାର କରିବା ଦ୍ୱାରା ଚର୍ମ ନରମ ହୋଇପାରେ ।

ଓଟମିଲ କେବଳ ଶରୀରକୁ ସୁସ୍ଥ ରଖେ ନାହିଁ ବରଂ ଚର୍ମ ପାଇଁ ମଧ୍ୟ ଲାଭଦାୟକ ଅଟେ । ଚର୍ମରେ ଏହାକୁ ବ୍ୟବହାର କରିବା ପୂର୍ବରୁ ଏହାକୁ ରାତିସାରା ପାଣିରେ ଭିଜାନ୍ତୁ । ଏହା ପରେ, ଏହାକୁ ଗ୍ରାଇଣ୍ଡ୍ କରି ମୁହଁରେ ଲଗାଇବେ। ଏହା ଆପଣଙ୍କ ତ୍ୱଚାକୁ କୋମଳ ଏବଂ ନରମ କରିଥାଏ । ତ୍ୱଚାକୁ କୋମଳ କରିବା ସହିତ ଏହା ତ୍ୱଚା ସମସ୍ୟାକୁ ମଧ୍ୟ ଦୂର କରିଥାଏ।

ସୋରିଷ ତେଲ: ପ୍ରାୟତଃ ଶୀତ ଋତୁରେ ଆମ ଓଠ ମଧ୍ୟ ଫାଟିଥାଏ। ଯେତେବେଳେ ଅଧିକ ଶୁଷ୍କ ହୁଏ ସେତେବେଳେ ଯନ୍ତ୍ରଣା ମଧ୍ୟ ଲାଗେ। ସୋରିଷ ତେଲକୁ ନିୟମିତ ଭାବେ ବ୍ୟବହାର କରନ୍ତୁ। ରାତିରେ ଶୋଇବା ପୂର୍ବରୁ ବ୍ୟବହୃତ ହେଲେ ଏହା ବହୁତ ଭଲ ଫଳାଫଳ ଦେଇଥାଏ । ଏହା ସହିତ, କିଛି ଦିନ ମଧ୍ୟରେ ଆପଣଙ୍କ ଓଠର ତ୍ୱଚା ନରମ ହୋଇଯିବ ।

ତ୍ୱଚାକୁ ନରମ କରିବାରେ ନଡିଆ ତେଲ ମଧ୍ୟ ବହୁତ ଲାଭଦାୟକ । ନଡିଆ ତେଲର କ୍ରମାଗତ ବ୍ୟବହାର କରିବା ଦ୍ୱାରା ତ୍ୱଚା ଶୁଷ୍କତାକୁ ଦୂର କରିଥାଏ । ଏହା ବ୍ୟତୀତ ଆପଣ ପ୍ରତିଦିନ ପ୍ରଚୁର ପାଣି ପିଇବା ଉଚିତ୍ । ତୁମେ ଯେତେ ନିଜକୁ ହାଇଡ୍ରେଟେଡ୍ ତୁମର ତ୍ୱଚା କମ୍ ଶୁଷ୍କ ହେବ ।

ଗର୍ଭଧାରଣରେ ଅକ୍ଷମତା: କାରଣ ଓ ପ୍ରତିକାର

ଗର୍ଭଧାରଣ ବା ପ୍ରଜନନ ଜନିତ ଅକ୍ଷମତା ଆଜିକାଲି ଏକ ବଡ଼ ସମସ୍ୟା। ପରିବର୍ତିତ ଜୀବନଶୈଳୀ, ସାମାଜିକ ଓ ପାରିପାର୍ଶ୍ୱିକ ଅବସ୍ଥିତି ତଥା କେତେକ ଚିକିତ୍ସାଗତ ସମସ୍ୟା ଏହାର ପ୍ରମୁଖ କାରଣ। ଆବଶ୍ୟକତା ଠାରୁ କମ୍ କିମ୍ବା ଅଧିକ ଓଜନର ମହିଳାଙ୍କ କ୍ଷେତ୍ରରେ

ପ୍ରଜନନ କ୍ଷମତା ସ୍ୱାଭାବିକ ଭାବେ କମ୍। ଭୋକ ଓ ଦୁର୍ବଳତାକୁ ନିୟନ୍ତ୍ରଣରେ ରଖିବାରେ ସହାୟକ ହେଉଥିବା ହରମନ ଏଥିପାଇଁ ଦାୟୀ। ଏହି ହରମନ ଋତୁସ୍ରାବ ପାଇଁ କାର୍ଯ୍ୟକରେ। କମିଗଲେ ପ୍ରଜନନ କ୍ଷମତା ହ୍ରାସପାଏ। ବିଶେଷ କ୍ଷେତ୍ରରେ ପତଳୀମାନେ ଗର୍ଭଧାରଣରେ ଅସୁବିଧା ଭୋଗକରନ୍ତି। ଗର୍ଭରୋଧକ ଟୀକା, ଦୀର୍ଘକାଳ ଧରି ବଟିକା ସେବନ,ଇଞ୍ଜେକସନ ଗ୍ରହଣ ଦ୍ୱାରା ପ୍ରଜନନ କ୍ଷମତା ହ୍ରାସପାଏ। ମେଦ ବହୁଳତା ଦ୍ୱାରା ଆବଶ୍ୟକ ହରମନ ନିର୍ଗତରେ ବାଧା ଉପୁଜେ ଓ ଗର୍ଭଧାରଣ ସମ୍ଭବ ହୁଏନାହିଁ। କମ ବୟସରେ ଅନିୟମିତ ଋତୁସ୍ରାବ ସମସ୍ୟା ପ୍ରଜନନ କ୍ଷମତାକୁ ପ୍ରଭାବିତ କରେ। ଏହାଚଡ଼ା ପଞ୍ଚତିରିଶ ବର୍ଷପରେ ସ୍ୱାଭାବିକ ଭାବେ ଡିମ୍ବାଣୁ ସଂଖ୍ୟା କମିଯାଉଥିବାରୁ ପ୍ରଜନନ କ୍ଷମତା ମଧ୍ୟ କମିଯାଏ। ଯୌନାଙ୍ଗ ସଂହକ୍ରମଣ, ପ୍ରମେହ ଆଦି ଯୌନରୋଗ,

ଥାଇରଏଡ଼ ସମସ୍ୟା ପ୍ରଜନନ କ୍ଷମତାକୁ କମାଇଦିଏ। ଆଜିକାଲି ସୌନ୍ଦର୍ଯ୍ୟ ସଚେତନ ମହିଳା ଓ ଯୁବତୀମାନେ ଡାଏଟିଂ ଜିମ ବ୍ୟାୟାମ ଆଦି ଅଭ୍ୟାସ କରୁଛନ୍ତି। ସିଧାସଳଖ ପ୍ରଶିକ୍ଷକ କିମ୍ବା ଖାଦ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନେଉ ନାହାନ୍ତି। ଏ ବାବଦରେ ଟେଲିଭିଜନରେ ପ୍ରସାରିତ କାର୍ଯ୍ୟକ୍ରମ ଗୁଡ଼ିକ ଦେଖି ଘରେ ଅଭ୍ୟାସ କରୁଛନ୍ତି। ଶରୀର ପାଇଁ ଏହା କ୍ଷତିକାରକ। ଶରୀର ଉପରେ ନକାରାତ୍ମକ ପ୍ରଭାବ ପଡ଼େ ଓ ଗର୍ଭାଶୟ ପ୍ରଭାବିତ ହୁଏ। ପତଳୀ ହେବା ପାଇଁ ସପ୍ତାହକୁ ପାଂଚଘଂଟାରୁ ଅଧିକ ସମୟ ବ୍ୟାୟାମ କଲେ ପ୍ରଜନନ କ୍ଷମତା କମିଯାଏ। ମାତୃତ୍ୱ ଲାଭରୁ ବଂଚିତ ହେବାକୁ ପଡ଼େ। ସୁରା ଓ ଧୂମପାନ, ନିଶା ସେବନ ମଧ୍ୟ ପ୍ରଜନନ କ୍ଷମତାକୁ ପ୍ରଭାବିତ କରେ। ଏଥିପ୍ରତି ସତର୍କ ରହିବା ଜରୁରୀ। ସୁସ୍ଥ ଓ ସୁନ୍ଦର ରହିବା ପାଇଁ ଆବଶ୍ୟକ ସୁଷମ ଖାଦ୍ୟ ଖାଆନ୍ତୁ, ଅଧିକ ନୁହେଁ କିମ୍ବା କମ ନୁହେଁ। ଫାଷ୍ଟ ଫୁଡ଼, ଅଧିକ ପୁଷ୍ଟିସାରଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ। ତାଲିମପ୍ରାପ୍ତ ପ୍ରଶିକ୍ଷକଙ୍କ ପରାମର୍ଶରେ ବ୍ୟାୟାମ କରନ୍ତୁ। ଠିକ ଭାବେ ବିଶ୍ରାମ ନିଅନ୍ତୁ। ଦୁଶ୍ଚିନ୍ତା ଠାରୁ ନିଜକୁ ଦୂରେଇ ରଖନ୍ତୁ। ସୁନିଦ୍ରା ଓ ଉତମ ଭାବନା ମନରେ ପୋଷଣ କରନ୍ତୁ। ଏହାଦ୍ୱାରା ହରମୋନ ସନ୍ତୁଳିତ ରହେ ଓ ପ୍ରଜନନ କ୍ଷମତା ବଢ଼େ। ମାଆ ବନିବାର ସୌଭାଗ୍ୟ ମିଳେ। ଆବଶ୍ୟକ ସ୍ଥଳେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ଉଚିତ।

ନିମ୍ନ ରକ୍ତଚାପରେ ଘରୋଇ ଉପଚାର

◆ମଣ୍ଡ ବୁଲାଇବା, ହାଲିଆ ଲାଗିବା, ବସିବା ଜାଗାରୁ ହଠାତ୍ ଉଠିପଡ଼ିଲେ ଅନ୍ଧାର ଦିଶିବା ଆଦି ନିମ୍ନ ରକ୍ତଚାପର ଲକ୍ଷଣ।

◆ଜଳ ଶୁଷ୍କତା ନିମ୍ନ ରକ୍ତଚାପର ଏକ କାରଣ। ଏଣୁ ଅଧିକ ଜଳ ପିଅନ୍ତୁ। କ୍ଲାନ୍ତି ଦୂର ହେବ। ଆରାମ ଲାଗିବ।

◆ଖାଦ୍ୟରେ ଲୁଣ ପରିମାଣ ବଢ଼ାନ୍ତୁ। ଜଳରେ ଲୁଣ ଫେଂଟି ପିଅନ୍ତୁ। ରକ୍ତଚାପ ସନ୍ତୁଳନ ରହିବ।

◆ଦୁଇ ତିନି ଚାମଚ ବିଟ ରସ ଦିନକୁ ଦୁଇଥର ଲେଖାଏ ସପ୍ତାହେ ପର୍ଯ୍ୟନ୍ତ ପିଇବା ଦ୍ୱାରା ନିମ୍ନ ରକ୍ତଚାପରୁ ଉପଶମ ମିଳେ।

◆କଫି ସେବନ ଓ ଡାର୍କ ଚକଲେଟ ଖାଇବା ଦ୍ୱାରା ସାମୟିକ ଭାବେ ନିମ୍ନ ରକ୍ତଚାପରୁ ମୁକ୍ତି ମିଳୁଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି। ତେବେ, କ୍ରମାଗତ ଏହି ସମସ୍ୟା ଭୋଗୁଥିଲେ ଦିନକୁ ଦୁଇଥର କଫି ସେବନ କଲେ ସୁଫଳ ମିଳେ।

◆ଦଶ, ବାରଟି ତୁଳସୀ ପତ୍ର ରସରେ ଏକ ଚାମଚ ମହୁ ଫେଣ୍ଟି ସକାଳେ ଖାଲିପେଟରେ ପିଅନ୍ତୁ, ନିମ୍ନ ରକ୍ତଚାପ ନିୟନ୍ତ୍ରଣରେ ରହିବ।

ଶୀତରେ ଶୁଷ୍କ ହୋଇଯାଉଛି କି ଆପଣଙ୍କ କେଶ ? : ଘରୋଇ ଟିପ୍ସ ଉପରେ ଦିଅନ୍ତୁ ଧ୍ୟାନ

ଶୀତଦିନେ ଅନେକ ଲୋକଙ୍କ ପାଇଁ ସବୁଠାରୁ ବଡ ସମସ୍ୟା ହେଉଛି ଶୁଷ୍କତା । ତ୍ୱଚାର ଶୁଷ୍କତା ଏବଂ କେଶର ଶୁଷ୍କତା ଦୂର କରିବା ପାଇଁ ଅନେକ ଲୋକ ବିଭିନ୍ନ ପଦ୍ଧତି ଗ୍ରହଣ କରନ୍ତି । ତ୍ୱଚାର ଶୁଷ୍କତାକୁ ମଶ୍ଚରାଇଜିଂ ଦ୍ୱାରା ସହଜରେ ହଟାଯାଇପାରିବ। କିନ୍ତୁ ଯେତେବେଳେ କେଶର ଶୁଷ୍କତାକୁ ହଟାଇବା କଥା ଆସେ କଣ କରାଯିବ ତାହା ବୁଝାପଡେ ନାହିଁ। ଶୀତଦିନେ କେଶର ଶୁଷ୍କତା ଅପସାରଣ କରିବା ମଧ୍ୟ ଆପଣଙ୍କ ପାଇଁ ଏକ ବଡ କାର୍ଯ୍ୟ। ତେବେ ଆପଣ ଏଥିପାଇଁ ସହଜରେ ଘରୋଇ ଉପଚାର ଗ୍ରହଣ କରିପାରିବେ ।କେଶ ଶୁଷ୍କତାରୁ ମୁକ୍ତି ପାଇବା ପାଇଁ ଗାଧୋଇବା ପୂର୍ବରୁ ଆପଣଙ୍କୁ କିଛି କାମ କରିବା ଉଚିତ୍। ଏପରି କରିବା ଦ୍ୱାରା ଆପଣ ସହଜରେ ଏହି ସମସ୍ୟାରୁ ମୁକ୍ତି ପାଇପାରିବେ । ଆଲୋଭେରା ଜେଲ୍ର ଅନେକ ଲାଭ ଅଛି । ଚର୍ମଠାରୁ ଆରମ୍ଭ କରି କେଶ ପର୍ଯ୍ୟନ୍ତ ସବୁକିଛି ବ୍ୟବହାର କରାଯାଇପାରିବ। ଶୀତଦିନେ, ଆପଣ କେଶ ଧୋଇବାର ୩୦ ମିନିଟ୍ ପୂର୍ବରୁ ଆଲୋ ଭେରା ଜେଲ୍ ଲଗାଇ ପାରିବେ। ଏହା ପରେ ଆପଣ ସାମ୍ପୁ ସାହାଯ୍ୟରେ କେଶ ଧୋଇ ପାରିବେ । ଏହି ଉପାୟରେ ଆପଣଙ୍କ କେଶର ଶୁଷ୍କତା ଦୂର ହୋଇପାରିବ। କେଶର ଶୁଷ୍କତା ଦୂର କରିବା ପାଇଁ, ଆପଣ ନଡିଆ ତେଲ ଲଗାଇ ପାରିବେ । ଏହା କେଶ ମୂଳକୁ ମଶ୍ଚରାଇଜ୍ ରଖିବ। ନଡ଼ିଆ ତେଲ ଶୀତଦିନେ ଫ୍ରିଜ୍ ହୋଇଯାଏ। ତେଣୁ ଏହାକୁ ବ୍ୟବହାର କରିବା ପୂର୍ବରୁ ଅଳ୍ପ ଉଷୁମ କରନ୍ତୁ । ତା'ପରେ କେଶରେ ତେଲ ଲଗାନ୍ତୁ । ମନେରଖନ୍ତୁ ଯେ ତେଲ ଥଣ୍ଡା ହେବା ପରେ ହିଁ ବ୍ୟବହାର କରିବେ। ସାମ୍ପୁ କରିବା ପୂର୍ବର ୨ ରୁ ୩ ଘଣ୍ଟା ପୂର୍ବରୁ ତେଲ ଲଗାନ୍ତୁ ଏବଂ ତା'ପରେ କେଶ ଧୋଇ ଦିଅନ୍ତୁ । ଏହିପରି କରିବା ଦ୍ୱାରା ଆପଣଙ୍କ କେଶ ଶୁଷ୍କ ରହିବ ନାହିଁ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ଧାରା ୩୭୦ର ଉଚ୍ଛେଦ...

ନଭେମ୍ବର ୨୫, ୧୯୪୯- ଜାମ୍ମୁ ଓ କାଶ୍ମୀରର ତତ୍କାଳୀନ ଶାସକ ଏହି ରାଜ୍ୟକୁ ଭାରତ ସହିତ ମିଶ୍ରଣ ପାଇଁ ଏକ ଚୁକ୍ତି ବା ଇନ୍‌ଷ୍ଟ୍ରୁମେଣ୍ଟ୍ ଅଫ୍ ଆକ୍‌ସେସନ୍ ସମ୍ପାଦିତ ହେବା ପରେ ଘୋଷଣା କରିଥିଲେ, ଯାହା ପ୍ରତିଫଳିତ କରିଥିଲା ଯେ 'ଜାମ୍ମୁ ଓ କାଶ୍ମୀର ଦ୍ୱାରା- ଏହାର ଲୋକମାନେ ଯେଉଁମାନେ କି ସଂପ୍ରଭୁ, ଏହାର ଶାସକଙ୍କ ଜରିଆରେ ଭାରତ ନିକଟରେ ପୂର୍ଣ୍ଣ ଏବଂ ଶେଷ ସମର୍ପଣ କରୁଛି।' ଅର୍ଥାତ୍ ସେହି ଦିନଠାରୁ ଜାମ୍ମୁ ଓ କାଶ୍ମୀର ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇ ଯାଇଥିଲା। ତେବେ ଭାରତୀୟ ସମ୍ବିଧାନର ଧାରା ୩୭୦ ବଳରେ ଏଠାକାର ବିଶେଷ ମର୍ଯ୍ୟାଦା ଦୀର୍ଘ ସାତ ଦଶନ୍ଧିରୁ ଅଧିକ ସମୟ ଧରି ବଜାୟ ରହିଥିଲା, ଯାହାକୁ ଅଗଷ୍ଟ ୫, ୨୦୧୯ରେ କେନ୍ଦ୍ରର ଏନ୍‌ଡିଏ ସରକାର ପ୍ରତ୍ୟାହାର କରି ନେଇଥିଲେ ଏବଂ ଏହାକୁ ପରିଣତ କରି ଦେଇଥିଲେ ଦୁଇଗୋଟି କେନ୍ଦ୍ରଶାସିତ ଅଞ୍ଚଳ: ଜାମ୍ମୁ-କାଶ୍ମୀର ଓ ଲଦାଖରେ । ଆଉ ସେବେଠାରୁ ଏହାର ବିଶେଷ ମାନ୍ୟତା ପ୍ରତ୍ୟାହାରକୁ ନେଇ କୋର୍ଟ କଚେରିରେ ଚାଲିଥିଲା ମାମଲାମାନ । ଶେଷରେ ଦେଶର ସର୍ବୋଚ୍ଚ ଅଦାଲତ ସୁପ୍ରିମ୍‌କୋର୍ଟର ଏକ ପାଞ୍ଚଜଣିଆ ଖଣ୍ଡପୀଠଙ୍କ ଦ୍ୱାରା ଏହି ମାମଲାର ବିଚାର ହୋଇ ପ୍ରକାଶ ପାଇଛି ସର୍ବସମ୍ମତ ରାୟ- ଧାରା ୩୭୦ ଉଚ୍ଛେଦ କରିବାକୁ କେନ୍ଦ୍ର ସରକାରଙ୍କ ୨୦୧୯ର ନିଷ୍ପତ୍ତି, ଆଶା କରାଯାଏ ଯେ ଭାରତୀୟ ୟୁନିଅନ୍ ଭିତରେ ଜାମ୍ମୁ ଓ କାଶ୍ମୀରର ସ୍ଥିତି ସମ୍ପର୍କିତ ଆହ୍ୱାନରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ସୁନିଶ୍ଚିତ କରିବା ଉଚିତ। ନିଜର ରାୟରେ ଭାରତର ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ କହିଛନ୍ତି ଯେ ଧାରା ୩୭୦, ଯାହା ଜାମ୍ମୁ ଓ କାଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିଲା, ତାହା ଥିଲା ଏକ ପରିବର୍ତ୍ତନଶୀଳ ଏବଂ ସାମୟିକ ବ୍ୟବସ୍ଥା । ସେ କହିଥିଲେ ଯେ ଧାରା ୩୭୦ ହେଉଛି 'ଅସମମିତ ସଂଘୀୟବାଦ'ର ଏକ ଉଦାହରଣ ; ଆଭ୍ୟନ୍ତରୀଣ ସାର୍ବଭୌମତ୍ୱର ପ୍ରମାଣ ନୁହେଁ । ସୁପ୍ରିମ୍‌କୋର୍ଟ ଜାମ୍ମୁ ଓ କାଶ୍ମୀର ପୁନର୍ଗଠନ ଆଇନ,୨୦୧୯ର ଯଥାର୍ଥତାକୁ ଟାଳି ଦେଇ ନଥିଲେ। କେନ୍ଦ୍ର ସରକାର କହିଛନ୍ତି ଯେ ଏହା ଜାମ୍ମୁ ଓ କାଶ୍ମୀରରେ ରାଜ୍ୟ ପାହ୍ୟା ଫେରାଇ ଆଣିବାକୁ ପ୍ରସ୍ତାବ ଦେଇଛନ୍ତି। ସୁପ୍ରିମ୍‌କୋର୍ଟ ମଧ୍ୟ କେନ୍ଦ୍ରଶାସିତ ଅଞ୍ଚଳ ଲଦାଖ୍ ସୃଷ୍ଟିକୁ ଯଥାର୍ଥ ବୋଲି ସ୍ୱୀକାର କରିଛନ୍ତି, ଯାହା ୨୦୧୯ ପର୍ଯ୍ୟନ୍ତ ଜାମ୍ମୁ ଓ କାଶ୍ମୀରର ଏକ ଅଂଶ ଥିଲା, ଯେତେବେଳେ କି ସଂସଦ ଏକ ରାଜ୍ୟର ସ୍ଥିତିକୁ ଏକ କେନ୍ଦ୍ରଶାସିତ ଅଞ୍ଚଳରେ ପରିବର୍ତ୍ତନ କରି ପାରିବ କି ନାହିଁ, ପ୍ରଶ୍ନଟିକୁ ଅଧୁକ ଆଲୋଚନା ନିମନ୍ତେ ଉନ୍ମୁକ୍ତ ରଖିଛନ୍ତି । ୨୦୧୯ ଅଗଷ୍ଟରେ ଧାରା ୩୭୦ର ଉଚ୍ଛେଦ ଜାମ୍ମୁ ଓ କାଶ୍ମୀରର ତଥ୍ୟଗତ ପରିସ୍ଥିତିକୁ ଏକ ଆଇନଗତ ସ୍ଥିତିକୁ ବଦଳାଇ ଦେଇଥିଲା। ଦେଶୀୟ ରାଜ୍ୟ ଜାମ୍ମୁ ଓ କାଶ୍ମୀରର ଭାରତ ସହିତ ମିଶ୍ରଣ ଅତ୍ୟନ୍ତ ଅବ୍ୟବସ୍ଥିତ ପରିସ୍ଥିତିରେ ଘଟିଥିଲା। ଧାରା ୩୭୦ ଏହାକୁ ଏକ ସ୍ୱତନ୍ତ୍ର ସ୍ଥିତି ପ୍ରଦାନ କରି ଭାରତ ସହିତ ଏହାର ମିଶ୍ରଣକୁ ବୁଝାମଣା ଜରିଆରେ ସମ୍ଭବପର କରାଇ ଥିଲା। ତେବେ ସମୟ ଅତିବାହିତ ହେବା ସହିତ ଏହି ଚୁକ୍ତିନାମା ବିଭିନ୍ନ କ୍ଷେତ୍ରରେ ଆଲୋଚନା ନିମନ୍ତେ ଏହାର ନିଜର ଏକ ସଜୀବ ସ୍ଥିତି ଆହରଣ କଲା ଏବଂ ଏକ ବିବାଦୀୟ ସାମ୍ବିଧାନିକ ବ୍ୟବସ୍ଥା ଭାବରେ ସମ୍ମୁଖକୁ ଆସିଲା, ଯେଉଁଥିପାଇଁ ଅନେକ ସମୟରେ ଯୁକ୍ତି ଦର୍ଶା ଯାଉଥିଲା ଯେ ଜାମ୍ମୁ ଓ କାଶ୍ମୀର ଭାରତର ଅବଶିଷ୍ଟ ଭାଗଠାରୁ ପୃଥକ୍ ଏବଂ ଭିନ୍ନ ହୋଇଥିବା ଏକ ରାଜ୍ୟ। ମୁଖର ରାଷ୍ଟ୍ରବାଦର ଏକ ନୂତନ ଜଳବାୟୁରେ ଧାରା ୩୭୦ ଏକ ବିସଙ୍ଗତି ମନେହେଲା; ଏକ ବ୍ୟବସ୍ଥା ରୂପରେ ପ୍ରତୀୟମାନ ହେଲା, ଯାହା କେବଳ ନକାରାତ୍ମକ ଭାବାବେଗକୁ ହିଁ ଉତ୍ସାହିତ କରୁଥିଲା । ସମ୍ପ୍ରତି ଏହାର ପରିସମାପ୍ତି ଘଟିବା ଏକ ପ୍ରକାରର ନିଶ୍ଚିତ ହୋଇଛି । ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା କେନ୍ଦ୍ର ସରକାରଙ୍କ ଧାରା ୩୭୦ର ପ୍ରତ୍ୟାହାର ଭାରତ ରାଷ୍ଟ୍ର ସହିତ ଜାମ୍ମୁ ଓ କାଶ୍ମୀରର ସମ୍ପର୍କ ଉପରୁ କଳା ବାଦଲର ଛାଇକୁ ଦୂରେଇ ଦେଇଛି ଏବଂ ଏହି ପ୍ରସଙ୍ଗ ସହିତ ସମ୍ପୃକ୍ତ ସମସ୍ତ ପକ୍ଷଙ୍କ ପାଇଁ ବାର୍ତ୍ତାଟିଏ ପ୍ରଦାନ କରିଛି ନୂତନ ଦୃଷ୍ଟାନ୍ତକୁ ଗ୍ରହଣ କରିନେଇ ଆଗକୁ ଆଗେଇ ଯିବା ନିମନ୍ତେ । ସର୍ବୋଚ୍ଚ ଅଦାଲତ କେବଳ ଧାରା ୩୭୦ର ଉଚ୍ଛେଦ ସମ୍ପର୍କରେ ନିଜର ନିର୍ଣ୍ଣୟ ଶୁଣାଇ ନାହାନ୍ତି, ଏହା ମଧ୍ୟ ସମ୍ପୃକ୍ତ ରାଜ୍ୟରେ ଆସନ୍ତା ବର୍ଷ ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ବିଧାନସଭା ନିର୍ବାଚନ ସାରିବାକୁ ସରକାରଙ୍କୁ କହି ଏକ ଉତ୍ତମ କାର୍ଯ୍ୟ କରିଛନ୍ତି। ଏହି ରାଜ୍ୟର ସ୍ୱତନ୍ତ୍ର ମର୍ଯ୍ୟାଦା ପ୍ରତ୍ୟାହୃତ ହେବା ପରଠାରୁ ପ୍ରାୟ ଚାରି ବର୍ଷ ଧରି ଏହା ଗଭର୍ଣ୍ଣରଙ୍କ ଶାସନ ଅଧୀନରେ ରହି ଆସିଛି, ଯାହା ଏକ ଗଣତନ୍ତ୍ରର ସିଦ୍ଧାନ୍ତଗୁଡ଼ିକ ସହିତ ମେଳ ଖାଏନାହିଁ ଏବଂ ଏହି ଅଞ୍ଚଳର ପରିସ୍ଥିତି ସମ୍ପୂର୍ଣ୍ଣ ଭାବରେ ସରକାରଙ୍କ ନିୟନ୍ତ୍ରଣରେ ରହିଛି ବୋଲି କୁହାଯାଉଥିବା କଥାର ବିପରୀତରେ ଯାଉଛି । ସମ୍ପ୍ରତି ସରକାରଙ୍କ ସମ୍ମୁଖରେ ଯେଉଁ ଆହ୍ୱାନ ରହିଛି, ତାହା ହେଉଛି – ଏଠାରେ ଗଣତାନ୍ତ୍ରିକ ପ୍ରକ୍ରିୟାକୁ କାର୍ଯ୍ୟକାରୀ କରିବା, ରାଜ୍ୟର ସ୍ୱାଭାବିକ ସ୍ଥିତିକୁ ଫେରାଇ ଆଣିବା ଏବଂ ଶ୍ରୀନଗରଠାରେ ଏକ ନିର୍ବାଚିତ ସରକାରଙ୍କ ହାତକୁ ରାଜ୍ୟର ଶାସନ କ୍ଷମତାକୁ ହସ୍ତାନ୍ତରିତ କରିବା। ଜାମ୍ମୁ ଓ କାଶ୍ମୀର ଏବଂ ନୂଆଦିଲ୍ଲୀର ରାଜନୀତିକ ମୁଖ୍ୟସ୍ରୋତ ଏହି ସୁଯୋଗକୁ ଅଣଦେଖା କରିବା ଉଚିତ ନୁହେଁ, କାରଣ କୋର୍ଟ ସିନା ସାମ୍ବିଧାନିକ ପ୍ରକ୍ରିୟା କଥା କହିଦେଲେ, କିନ୍ତୁ ବାସ୍ତବ ଏକତ୍ରିକରଣ ଘଟିବ ଏଠାକାର ଅଧିବାସୀମାନଙ୍କର ମନ ଓ ହୃଦୟର ଅବଶିଷ୍ଟ ଭାରତ ସହିତ ଏକତ୍ରିକରଣ ଦ୍ୱାରା । ଏକ ଆଶ୍ୱାସନା ପ୍ରଦାନକାରୀ ପ୍ରକ୍ରିୟା ଏହା ଅବଶ୍ୟ ସମ୍ଭବପର କରାଇ ପାରିବ ।

ଧାରା ୩୭୦କୁ ନେଇ ସୁପ୍ରିମକୋର୍ଟଙ୍କ ରାୟ

ଡ. ସମନ୍ୱୟ ନନ୍ଦ

ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରାଯିବା ବିରୋଧରେ ସୁପ୍ରିମକୋର୍ଟରେ କରାଯାଇଥିବା ଆବେଦନ ଗୁଡିକର ଶୁଣାଣୀ କରିବା ପରେ ସମ୍ବିଧାନ ପୀଠ ତାଙ୍କର ରାୟ ପ୍ରଦାନ କରିଛନ୍ତି। ଏହି ରାୟରେ ସମ୍ବିଧାନ ପୀଠ ପକ୍ଷରୁ କୁହା ଯାଇଛି ଯେ ଜାମ୍ମୁ କାଶ୍ମୀରରେ ୩୭୦ ଉଚ୍ଛେଦ କରାଯିବାର ଆଦେଶ ସମ୍ବିଧାନିକ ଆକାରରେ ସମ୍ପୂର୍ଣ୍ଣ ଠିକ୍ । ରାଷ୍ଟ୍ରପତି ଶାସନ ସମୟରେ କେନ୍ଦ୍ର ସରକାର କୌଣସି ଅପରିବର୍ତନୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପାରିବେ ନାହିଁ ବୋଲି ଏହି ମାମଲାରେ ଆବେଦନକର୍ତା ମାନେ ଦେଇଥିବା ତର୍କକୁ କୋର୍ଟ ଅଗ୍ରାହ୍ୟ କରି ଦେଇଛନ୍ତି । ଏହା ଦ୍ୱାରା ଅନୁଚ୍ଛେଦ ୩୭୦କୁ ନେଇ ସମସ୍ତ ବିବାଦ ଉପରେ ପୂର୍ଣ୍ଣଚ୍ଛେଦ ପଡି ଯାଇଛି ।

ଦେଶ ସ୍ୱାଧୀନ ହେବା ପରେ ଦେଶର ଅଖଂଡତାକୁ ବଜାୟ ରଖିବା ପାଇଁ ସରଦାର ପଟେଲ ଦେଶୀୟ ରାଜ୍ୟ ମାନଙ୍କୁ ଭାରତରେ ବିଲୟ କରିବାର ଯେଉଁ ପ୍ରକ୍ରିୟା ଆରମ୍ଭ କରିଥିଲେ ତାହା ସମ୍ପୂର୍ଣ ହୋଇଥିବାର ପ୍ରମାଣ ହେଉଛି ସୁପ୍ରିମକୋର୍ଟର ଏହି ରାୟ । ସୁପ୍ରିମକୋର୍ଟର ଏହି ରାୟ ଏକ ସନାତନ ରାଷ୍ଟ୍ର ରୂପେ ଭାରତର ସଂପ୍ରଭୁତା, ଏକତା, ଅଖଂଡତାକୁ ପୁଣିଥିରେ ପ୍ରତିପାଦିତ କରିଛି । ସୁପ୍ରିମକୋର୍ଟ ଏହି ମାମଲାରେ ଅତ୍ୟନ୍ତ ସ୍ପଷ୍ଟ ଓ ସର୍ବସମ୍ମତ ରାୟ ଦେଇ କହିଛନ୍ତି ଜାମ୍ମୁ କାଶ୍ମୀର ନିଜେ ନିଜେ କୌଣସି ସଂପ୍ରଭୁ ରାଜ୍ୟ ନ ଥିଲା ଓ ଏହାର ସଂପ୍ରଭୁତା ଭାରତର ସଂପ୍ରଭୁତାରେ ସୀମିତ ଥିଲା । ସୁପ୍ରିମକୋର୍ଟର ଏହି ରାୟ ପରେ ଏକ ନୂଆ ଭାରତ ବିଶ୍ୱ ସାମନାରେ ଅଧିକ ଶକ୍ତିଶାଳୀ ହୋଇ ଠିଆ ହେବ ।

ଏହି ଅନୁଚ୍ଛେଦ ଯେତେବେଳେ ଲାଗୁ ହେଲା ସେଠାରେ ସ୍ପଷ୍ଟ ଭାବେ ଉଲ୍ଲେଖ ଥିଲା ଯେ ଏହା ଅସ୍ଥାୟୀ ବ୍ୟବସ୍ଥା । ଅନୁଚ୍ଛେଦ ୩୭୦ର ଏହି ଅସ୍ଥାୟୀ ବ୍ୟବସ୍ଥା ସେଠାରେ ଲାଗୁ କରାଯିବା କାରଣରୁ ଅବଶିଷ୍ଟ ଭାରତ ଓ ଜାମ୍ମୁ କାଶ୍ମୀର ମଧ୍ୟରେ ସେଭଳି ଏକାତ୍ମତା ତିଆରି ହେବା କଥା ତାହା ହୋଇ ପାରି ନ ଥିଲା । ଏହାର କାରଣ ହେଲା ଯେ ଏହି ଅସ୍ଥାୟୀ ବ୍ୟବସ୍ଥା କାରଣରୁ ଜାମ୍ମୁ କାଶ୍ମୀର ପାଇଁ ଅଲଗା ଆଇନ, ଅଲଗା ପ୍ରଧାନ ଓ ଅଲଗା ପତାକା ରହିଥିଲା । ଅବଶିଷ୍ଟ ଭାରତର ଲୋକ ମାନଙ୍କୁ ସେଠାକୁ ଯିବାକୁ ପରମିଟର ଆବଶ୍ୟକତା ପଡୁଥିଲା । ଭାରତରେ ସମ୍ପୂର୍ଣ ଭାବେ ଏକାତ୍ମ ହେବାରେ ବାଧକ ଏହି ଅସ୍ଥାୟୀ ଅନୁଚ୍ଛେଦ ପଛରେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହର ଲାଲ ନେହରୁ ଓ ତାଙ୍କର ବନ୍ଧୁ ଶେଖ ଅବଦୁଲ୍ଲା ହିଁ ଥିଲେ। ନେହରୁ ପ୍ରଥମେ ତାଙ୍କର ବନ୍ଧୁଙ୍କୁ ଖୁସି କରିବା ପାଇଁ ଏହି ଅସ୍ଥାୟୀ ବ୍ୟବସ୍ଥା ଯୋଡିଥିଲେ । ମାତ୍ର ପରବର୍ତୀ ସମୟରେ ଶେଖ ଅବଦୁଲ୍ଲା ତାଙ୍କର ବାସ୍ତବିକ ରଙ୍ଗ ଦେଖାଇବା ଆରମ୍ଭ କରିଥିଲେ।

ଏହି ଅସ୍ଥାୟୀ ଅନୁଚ୍ଛେଦର ସବୁଠାରୁ ଅଧିକ ଲାଭ ନେଇଥିଲା ପାକିସ୍ତାନ । ପାକିସ୍ତାନ ଅନୁଚ୍ଛେଦ ୩୭୦ ଲାଗୁ ଥିବା କାରଣରୁ ଏହାର ଆଳ ନେଇ ଜାମ୍ମୁ କାଶ୍ମୀର ଭାରତର ଅଭିନ୍ନ ଅଙ୍ଗ ନୁହେଁ ବୋଲି ତାଙ୍କ ଦେଶର ଲୋକଙ୍କ ମଧ୍ୟରେ ଓ ବିଦେଶରେ ଦୀର୍ଘ ବର୍ଷ ଧରି ଅପପ୍ରଚାର କରିଥିଲା । ଇସଲାମୀ ଦେଶ ମାନଙ୍କ ସଂଗଠନକୁ ମଧ୍ୟ ସେ ତାର ଦୁଷ୍ପ୍ରଚାର ଅଭିଯାନରେ କାବୁ କରି ନେଇଥିଲା । ଯଦି ଆମେ ସଂସଦୀୟ ଇତିହାସରେ ଦୃଷ୍ଟି ପକାଇବା ତେବେ କାଶ୍ମୀରର କିଛି ପାରିବାରିକ ରାଜନୈତିକ ଦଳ ଗୁଡିକୁ ଛାଡି ସବୁ ପ୍ରମୁଖ ରାଜନୈତିକ ଦଳ ମାନେ ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିବାର ପକ୍ଷଧର ଥିଲେ । ଜବାହର ଲାଲ ନେହରୁ ଏହି ଅସ୍ଥାୟୀ ବ୍ୟବସ୍ଥାକୁ ଲାଗୁ କରିଥିଲେ ସତ, ହେଲେ ସେ ମଧ୍ୟ ଏହାକୁ ହଟାଇବାକୁ ଚାହୁଁଥିଲେ । ତାଙ୍କ ପରେ ପ୍ରଧାନମନ୍ତ୍ରୀ ହୋଇଥିବା ଲାଲ ବାହାଦୁର ଶାସ୍ତ୍ରୀ ହୁଅନ୍ତୁ ବା ଅନ୍ୟ ମାନେ ହୁଅନ୍ତୁ ସଂସଦରେ ଆଲୋଚନା ବେଳେ କଂଗ୍ରେସ ସାଂସଦ ମାନେ ଏହି ଦାବି ବାରମ୍ବାର କରିଛନ୍ତି, ଯାହା ସଂସଦର ରେକର୍ଡରେ ମିଳିଯାଏ । ଗୁଲଜାରିଲାଲ ନନ୍ଦା ମଧ୍ୟ ସଂସଦରେ କହିଥିଲେ ଯେ ଏହି ଅନୁଚ୍ଛେଦ ହଟିବା ଆବଶ୍ୟକ ।

ଜନସଂଘ ପାଇଁ ଏହି ପ୍ରସଙ୍ଗ ସବୁଠାରୁ ବଡ ପ୍ରସଙ୍ଗ ଥିଲା । ଭାରତର ଅଖଂଡତାର ଉପାସକ ଜନସଂଘର ପ୍ରଥମ ସଭାପତି ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ ଏହି ପ୍ରସଙ୍ଗରେ ଆନ୍ଦୋଳନ କରି ଏକ ଦେଶ ମେଁ ଦୋ ବିଧାନ, ଦୋ ପ୍ରଧାନ, ଦୋ ନିଶାନ, ନହିଁ ଚଲେଗା ର ସ୍ଲୋଗାନ ଦେଇଥିଲେ ଓ ଜାମ୍ମୁକାଶ୍ମୀରର ଜେଲରେ ନିଜର ବଳିଦାନ ଦେଇଥିଲେ । ଏହି ଅନୁଚ୍ଛେଦକୁ ହଟାଇବାକୁ ପ୍ରଜା ପରିଷଦ ଆନ୍ଦୋଳନ ଦୀର୍ଘ ଦିନ ଧରି ହୋଇଥିଲା। ଏହି ଆନ୍ଦୋଳନରେ ଅନେକ ଲୋକ ସେମାନଙ୍କର ଜୀବନର ବଳିଦାନ ଦେଇଥିଲେ । ଜନସଂଘର ପରବର୍ତୀ ସଂସ୍କରଣ ତଥା ଆଜିର ଭାରତୀୟ ଜନତା ପାର୍ଟିର ଏଜେଣ୍ଡାରେ ଏହା ପ୍ରଥମରୁ ହିଁ ରହି ଆସିଛି । ତେଣୁ କୁହା ଯାଇ ପାରେ ଯେ ସମସ୍ତ ରାଜନୈତିକ ଦଳ ଏହି ଅସ୍ଥାୟୀ ଅନୁଚ୍ଛେଦ ହଟାଇବା ପାଇଁ ଇଚ୍ଛୁକ ଥିଲେ । ହେଲେ କଂଗ୍ରେସ ଦଳର ନେତା ମାନଙ୍କ ମଧ୍ୟରେ ଏହି କାର୍ଯ୍ୟକୁ କରିବାକୁ ସାହସ ନ ଥିଲା । ଗୋଟିଏ ପ୍ରକାରରେ ଏହି ଅସ୍ଥାୟୀ ଅନୁଚ୍ଛେଦକୁ ହଟା ଯିବା ଆବଶ୍ୟକ ଏହା ଭାରତର ସମସ୍ତ ଦେଶବାସୀଙ୍କ ମନରେ ଥିଲା । ହେଲେ କାହା ମଧ୍ୟରେ ସେହି ସାହସ ନ ଥିଲା । ସାରା ଦେଶର ଇଚ୍ଛା ଥିଲା, ହେଲେ କାହାକୁ ନା କାହାକୁ ଏହି ସାହସ ଦେଖାଇବାର ଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ସାହସ ଦେଖାଇଥିଲେ । ପ୍ରଧାନମନ୍ତ୍ରୀ ମୋଦୀ ସାରା ଦେଶର ନାଗରିକ ମାନଙ୍କର ଇଚ୍ଛାକୁ ଅଭିବ୍ୟକ୍ତି ପ୍ରଦାନ କରିଥିଲେ ଓ ୨୦୧୯ ମସିହାରେ ଏହି ଅସ୍ଥାୟୀ ବ୍ୟବସ୍ଥାକୁ ସେ ସମାପ୍ତ କରିଥିଲେ ଓ ଦେଶର ଏକାତ୍ମତା ଦିଗରେ ଥିବା ଏହି ଅବରୋଧକୁ ସମାପ୍ତ କରି ଥିଲେ । ଭାରତର ଏକତା- ଅଖଂଡତା ଓ ଏକାତ୍ମତାରେ ବାଧା ସୃଷ୍ଟି କରୁଥିବା କିଛି ନେତା- ବ୍ୟକ୍ତି ସଂଗଠନ ଏହି ପ୍ରସଙ୍ଗକୁ ସୁପ୍ରିମକୋର୍ଟକୁ ନେଇ ଯାଇଥିଲେ । ଦୀର୍ଘ ଦିନର ଶୁଣାଣୀ ପରେ କୋର୍ଟଙ୍କ ସମ୍ବିଧାନ ପୀଠ ଏହି ଐତିହାସିକ ରାୟ ଦେଇ ଏହି ବିଷୟକୁ ସମାପ୍ତ କରିଛନ୍ତି ।

ତେବେ ଏହି ଐତିହାସିକ ଭୁଲକୁ ସଜାଡିବା ଅର୍ଥାତ ଅନୁଚ୍ଛେଦ ୩୭୦କୁ ସମାପ୍ତ କରିବା ସେତେ ସହଜ ନ ଥିଲା । ଏହାର କାରଣ ଥିଲା ଯେ ଏହା ଏକ ଅତ୍ୟନ୍ତ ପୁରୁଣା ପ୍ରସଙ୍ଗ ଥିଲା । ଦୀର୍ଘ ଦିନ ଧରି ଏହାକୁ ହଟା ନ ଯିବା କାରଣରୁ ଏହି ପ୍ରସଙ୍ଗ ଜଟିଳ ପ୍ରସଙ୍ଗ ହୋଇ ସାରିଥିଲା । ଭାରତ ଭିତରେ ଥିବା ଭାରତର ଶତ୍ରୁ ଓ ବାହ୍ୟ ଶତ୍ରୁ ମାନେ ଏହି ପ୍ରସଙ୍ଗର ଆନ୍ତର୍ଜାତିୟକରଣ କରିବାରେ ଲାଗିଥିଲେ । ଭାରତର ଲିବରାଲ ବର୍ଗ ଓ ଗଣମାଧ୍ୟମର କିଛି ବର୍ଗ ମଧ୍ୟ ଏହି କାର୍ଯ୍ୟରେ ଲଗାତାର ଲାଗିଥିଲା । କିନ୍ତୁ ଏହି ସବୁ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଖୁବ ସୁରୁଖୁରୁରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ତାଙ୍କ ଟିମ ଏହି ସମସ୍ୟାର ସମାଧାନ କରିଛନ୍ତି । ତେଣୁ ପ୍ରଧାନମନ୍ତ୍ରୀ ଓ ତାଙ୍କ ଟିମକୁ ଏହି ଐତିହାସିକ କାର୍ଯ୍ୟ ପାଇଁ ଧନ୍ୟବାଦ ଦେବାକୁ ପଡିବ। ଏବେ ସୁପ୍ରିମକୋର୍ଟ ମଧ୍ୟ ତାଙ୍କର କାର୍ଯ୍ୟ ଉପରେ ମୋହର ମାରିଛନ୍ତି ।

ଡ.ଆମ୍ବେଦକରଙ୍କ ପରିକଳ୍ପିତ ନବଭାରତ

ଅଧ୍ୟାପକ ଗୋପବନ୍ଧୁ

ଡକ୍ଟର ଭୀମ ରାଓ ଆମ୍ବେଦକରଙ୍କ ପରିଚୟ କେବଳ ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତବର୍ଷର ସମ୍ବିଧାନର ପ୍ରଣେତା ମଧ୍ୟରେ ସୀମିତ ନୁହେଁ। ତାଙ୍କର ପ୍ରଥମ ପରିଚୟ ହେଉଛି ସେ ଜଣେ ଅଗ୍ରଣୀ ସମାଜ ସଂସ୍କାରକ ଓ ଆଧୁନିକ ଭାରତବର୍ଷର ବୌଦ୍ଧିକ ଚେତନାର ମାର୍ଗ ଦର୍ଶକ। ସେ ଏପରି ଭାରତବର୍ଷର ପରିକଳ୍ପନା କରିଥିଲେ ଯାହା ବୌଦ୍ଧିକତା ସମ୍ପନ୍ନ, ବିଜ୍ଞାନର ଅନୁଗାମୀ ଓ ପ୍ରଗତିଶୀଳ ବିଚାରଧାରା ଉପରେ ପ୍ରତିଷ୍ଠିତ ହୋଇଥିବ। ସେ ଏପରି ସମାଜ ଗଠନ ପାଇଁ ସଂଗ୍ରାମ କରିଥିଲେ ଯାହା ସମତା, ମମତା ଓ ବ୍ୟକ୍ତି ସ୍ୱତନ୍ତ୍ରତାକୁ ସର୍ବୋଚ୍ଚ ସମ୍ମାନ ଦେଉଥିବ। ସମାଜରୁ ଅନ୍ଧବିଶ୍ୱାସ ଓ କୁସଂସ୍କାରକୁ ହଟାଇ ଏକ ତର୍କସମ୍ମତ ଓ ମାନବୀୟ ମୂଲ୍ୟବୋଧ ଉପରେ ପ୍ରତିଷ୍ଠିତ ଆଦର୍ଶ ଓ ସର୍ବଜନ ଆଦୃତ ସଂସ୍କୃତି କଥା ସେ ଚିନ୍ତା କରିଥିଲେ। ସର୍ବୋପରି ଭେଦଭାବ ରହିତ ଏକ ଐକବଦ୍ଧ ଭାରତୀୟ ସମାଜର ସେ ପରିକଳ୍ପନା କରିଥିଲେ। ତେବେ ଏ କଥା ନିଶ୍ଚିତ ଯେ ତାଙ୍କର ସମସ୍ତ ବିଚାର, ସଂଗ୍ରାମର ସମସ୍ତ ଆଧାର ଓ ସମସ୍ତ ପରିକଳ୍ପନା ଆମ ସମ୍ବିଧାନ ଭିତରେ ସମାହିତ ହୋଇରହିଛି। ସମ୍ବିଧାନର ପ୍ରତ୍ୟେକ ଶବ୍ଦରେ ଏହାର ପ୍ରତିଫଳନ ରହିଛି।

ବାବା ସାହେବ ଆମ୍ବେଦକରଙ୍କ ସମ୍ବନ୍ଧରେ ଯେତେବେଳେ ସାଧାରଣରେ ଆଲୋଚନା ହୁଏ, ତାଙ୍କୁ ସାଧାରଣତଃ ସମ୍ବିଧାନର ସଂରକ୍ଷଣ ବ୍ୟବସ୍ଥା ମଧ୍ୟରେ ସୀମିତ କରିଦିଆ ଯାଏ। ସେ ଦଳିତମାନଙ୍କ ମସିହା ଓ ତାଙ୍କରି ପାଇଁ କାମ କରିଥିବା ଜଣେ ସାଧାରଣ ନେତାଭାବେ ପରିଚୟ ତିଆରି କରାଯାଏ। ତାଙ୍କ ବିଷୟରେ ଥିବା ବିଶାଳ ଦିଗକୁ ଅନାଲୋଚିତ ରଖାଯାଏ।ସମାଜ ସଂସ୍କାର ଦିଗରେ ସେ ଯେ ବିଂଶ ଶତାବ୍ଦୀର ଅପ୍ରତିଦ୍ୱନ୍ଦୀ ଚିନ୍ତାନାୟକ ଏ ବିଷୟରେ ଖୁବ୍ କମ୍ ଆଲୋଚନା ହୁଏ। ତାଙ୍କର ଗଗନଚୁମ୍ବୀ ବ୍ୟକ୍ତିତ୍ୱ ବିଷୟରେ ଆଲୋଚନା କରାଯାଏ ନାହିଁ। କିନ୍ତୁ କେତେଦିନ ପର୍ଯ୍ୟନ୍ତ ଆଲୋକକୁ ଅନ୍ଧାର ଲୁଚାଇ ରଖିପାରିବ। କେତେଦିନ ପର୍ଯ୍ୟନ୍ତ ଗୋଟିଏ ବିଚାରଧାରାକୁ ଚାପି ରଖାଯାଇ ପାରିବ। ଯେଉଁ ବିଚାର ସ୍ୱଚ୍ଛ ଓ ମାନବ ସମାଜର ବିକାଶ ପାଇଁ ଲାଭଦାୟକ ତାହାର ସୁବାସ ଚାରିଆଡ଼େ ବିଚ୍ଛୁରିତ ହେବହିଁ ହେବ। ଅନ୍ଧକାରର ବୁକୁଚିରି ଆଲୋକ ନିଶ୍ଚୟ ପ୍ରସ୍ଫୁଟିତ ହେବ।

ଯେଉଁମାନେ ତାଙ୍କୁ ସଂରକ୍ଷଣ ବ୍ୟବସ୍ଥା ମଧ୍ୟରେ ସୀମିତ କରିବାକୁ ଚାହାଁନ୍ତି ସେମାନେ

'ମା': ଏକ ବିଶ୍ଳେଷଣ

ଅନୀତା ପଟ୍ଟନାୟକ

ଢ଼ିଙ୍କିଶାଳରୁ ଢ଼େଙ୍କାନାଳ ନାମକ ଏକ ସଂସ୍ଥା ଥରେ ସାଧୁସନ୍ଥ ମାନଙ୍କର ଏକ ସମ୍ମିଳନୀ ଡାକିଲେ। ପରେ ପରେ ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବରେ ନାରୀମାନେ ପୁରୁଷପରି ବ୍ୟବହାର କରିବା, ବ୍ୟଭିଚାର ବଳାତ୍କାର, ନାରୀ ଜାତି ପ୍ରତି ଅସମ୍ମାନ, ଘୃଣାଭାବ ଏହି ସଂସ୍ଥାଟିକୁ ବ୍ୟଥିତ କରୁଥିବାରୁ ସେମାନେ ସାଧୁସନ୍ଥଙ୍କର ସମ୍ମିଳନୀ ଡାକିବା ପାଇଁ ସ୍ଥିର କଲେ। ଭବ୍ୟସଭାର ଆୟୋଜନ କରାଗଲା ସହରର ମାନଗଣ୍ୟ ବ୍ୟକ୍ତି, ସ୍ତ୍ରୀ ପୁରୁଷ ଉଭୟେ ଏ ସଭାରେ ଯୋଗ ଦେଇଥିଲେ। ପ୍ରଥମ ଦିନର ବ୍ୟକ୍ତା ଥିଲେ ସ୍ୱାମୀ ପ୍ରେମାନନ୍ଦ।

ସେ କହିଲେ ପୃଥିବୀରେ ମାର ପ୍ରେମଠାରୁ ଆଉ କିଛି ବଡ଼ ନୁହେଁ। ପ୍ରେମରୁ ଜ୍ଞାନ ଜାଗ୍ରତ ହୁଏ। ପ୍ରକୃତ ଜ୍ଞାନରୁ ଧର୍ମ ଭାବ ଆସେ। ତାହା ହିଁ ମନୁଷ୍ୟର ପ୍ରକୃତ ସମ୍ପତ୍ତି। ପ୍ରେମ ଦ୍ୱାରା ମନୁଷ୍ୟ ସତ୍ୟକୁ ଉପଲବ୍ଧି କରିଥାଏ। ମଣିଷ କିଛି ତା ଜୀବନରେ ଅନେକ କିଛି ସୁଖ ମାଆ ଦ୍ୱାରା ପାଇଥାଏ। ସନ୍ନ୍ୟାସୀ ବ୍ରହ୍ମାନନ୍ଦ କହିଲେ 'ରାମ କୌଶଲ୍ୟାଙ୍କ ପରି ମାଙ୍କ ଯୋଗୁଁ ଦିବ୍ୟତ୍ୱ ହାସଲ କରିଥିଲେ। ଲବକୁଶ ସୀତା ଦେବୀଙ୍କ ଯୋଗୁ ବୀର ହୋଇପାରିଥିଲେ। ମା ଜୀବନ ସାରା ପିଲାମାନଙ୍କର ମଙ୍ଗଳ କାମନା କରିଥାଏ। ତେଣୁ ପ୍ରତ୍ୟେକ ପିଲା ମାକୁ ଭଲପାଇବା ଉଚିତ।'

ସ୍ୱାମୀ ସୁଧାନନ୍ଦ କହିଲେ ପୃଥିବୀରେ ମହାନ ପୁରୁଷମାନେ ମାଙ୍କର ଆଶୀର୍ବାଦ ଯୋଗୁ ମହାନ କାର୍ଯ୍ୟ କରିଛନ୍ତି। ମା ଗୌରୀଙ୍କର ଆଶୀର୍ବାଦ ନେଇ କାର୍ତ୍ତିକେୟ ତାରକାସୁର ପରି ଅସୁର ସହିତ ଯୁଦ୍ଧକରି ବିଜୟ ଲାଭ କରିଥିଲେ। ପରଶୁରାମ ଶତ୍ରୁ ମାନଙ୍କ ସହ ଯୁଦ୍ଧ କରିବା ପୂର୍ବରୁ ମାଆଙ୍କର ଆଶୀର୍ବାଦ ଭିକ୍ଷା କରିଥିଲେ। ବିନୀତା ତାଙ୍କ ପୁତ୍ର ଗରୁଡ଼କୁ ଆଶୀର୍ବାଦ କରିଥିଲେ। ସବୁ ମା ମାନେ ଆଶୀର୍ବାଦ ଦେବା ପୂର୍ବରୁ କହିଥାନ୍ତି ଶ୍ରୀରାମ ରକ୍ଷା। ଗାନ୍ଧାରୀ ଜାଣିଥିଲେ ତାଙ୍କର ପୁତ୍ର ଦୁର୍ଯ୍ୟୋଧନ ଧର୍ମ ମାର୍ଗରେ ରହି ନଥିଲା ଯୋଗୁଁ ବିଜୟ ଲାଭ କରିପାରିବ ନାହିଁ ତେଣୁ ସେ ଆଶୀର୍ବାଦ ସୂଚକ ଭାଷା ବ୍ୟବହାର କରି କହିଥିଲେ 'ଅକ୍ଷୟ ହେଉ ପୂଣ୍ୟ ଜଗତେ ଧର୍ମର ହେଉ ଜୟ'।

ଏଥର ନିଷ୍କଳାନନ୍ଦ କହିଲେ ଶଙ୍କରାଚାର୍ଯ୍ୟ ହୃଦୟଙ୍ଗମ କରିଥିଲେ ଯେଉଁ ପୁତ୍ର ମାର ସ୍ନେହ ପାଇ ଜୀବନର ଲକ୍ଷ୍ୟର ପ୍ରକୃତ କାର୍ଯ୍ୟରେ କୃତକାର୍ଯ୍ୟ ହେବ ସେ ପାପତାପ ଗ୍ରସ୍ତ ସଂସାରରୁ ମୁକ୍ତି ପାଇ ପୁନର୍ଜନ୍ମରୁ ମୁକ୍ତ ହେବ। ତେଣୁ ମାତୃଭକ୍ତି ପାଇଁ ହୃଦୟରେ ସ୍ଥାନ ରହିବା ଉଚିତ। କୀର୍ତ୍ତିନନ୍ଦ ଯେ କି ଶ୍ରୀରାମଙ୍କ ଭକ୍ତ ଥିଲେ ସେ କହିଲେ 'ରାମଙ୍କ ଆଡ଼କୁ ବାଣ ଉଠାଇବା ପୂର୍ବରୁ ଲବକୁଶ ପ୍ରାର୍ଥନା କରିଥିଲେ ତାଙ୍କର ମା ଯଦି ସାଧ୍ୱୀ ହୋଇଥିବେ ତେବେ ବୀରପୁରୁଷ ଅଚେତ ହୋଇଯିବେ ଏବଂ ତାହା ହିଁ ହୋଇଥିଲା। ଲବକୁଶ ବାଣ ନିକ୍ଷେପ କରିବା କ୍ଷଣି ଶ୍ରୀରାମ ଅଚେତ ହୋଇ ପଡ଼ିଥିଲେ। ଏଥିରୁ ମାକୁ ସ୍ମରଣ କରିବାର ଶକ୍ତି କେତେ ତାହା ଅନୁମେୟ। ଏଥର ଜ୍ଞାନାନନ୍ଦ କହିଲେ 'ପୂର୍ବରୁ ମାତା ମତାକି ତାଙ୍କର ସନ୍ତାନ ଧର୍ମମାର୍ଗରେ ପରିଚାଳିତ ହେଲେ ଖୁସି ହେଉଥିଲେ। କାରଣ ସେମାନଙ୍କର ସନ୍ତାନମାନେ ଭଗବାନଙ୍କ ପ୍ରତି ଅନୁଗତ ହୋଇ ଭଲ ମଣିଷ ହୋଇପାରିବେ ବୋଲି ଚିନ୍ତା କରୁଥିଲେ। କିନ୍ତୁ ବର୍ତ୍ତମାନ ସେପରି ଦେଖାଯାଉନାହିଁ। ପୂର୍ବରୁ ମା ମାନେ ପିଲାମାନଙ୍କୁ ଠିକ ରାସ୍ତାରେ ଚାଲିବାର ଉପଦେଶ ଦେଉଥିଲେ। ଏଥର ସନ୍ଥ ପଦ୍ମପାଦଙ୍କ ପାଳି ପଡ଼ିଲା। ସେ କହିଲେ ଆର୍ଯ୍ୟାମା ଶଙ୍କରଙ୍କୁ ପ୍ରତିଶ୍ରୁତି ଦେଇଥିଲେ ମାର ଆଶୀର୍ବାଦ ଫଳରେ ତାଙ୍କ ଜୀବନର ସମସ୍ତ ଶୂନ୍ୟସ୍ଥାନ ପୂରଣ ହୋଇପାରିବ। ଶଙ୍କରାଚାର୍ଯ୍ୟ ଦେବୀଙ୍କ କୃପାରୁ ତାଙ୍କ ଜୀବନର ସମସ୍ତ ଶୂନ୍ୟସ୍ଥାନ ପୂରଣ କରିପାରିଥିଲେ। ସାଧ୍ୱୀ ରତଚାରା କହିଲେ ମାର ପ୍ରେମ ଗୋଟିଏ ସାଧାରଣ ଘରକୁ ଗୃହରେ ପରିଣତ କରେ। ଆମେ ଯେଉଁଠାରେ ବୁଲୁ ନା କାହିଁକି ଆମର ପରିଚୟ ଯାହା ହେଉନା କାହିଁକି ମା ଯୋଗୁ ତିଆରି ହୋଇଥିବା ଗୃହଟି ସଦା ସ୍ମରଣୀୟ ହୋଇରହେ। ମାର ଧୈର୍ଯ୍ୟ ପିଲାଟିକୁ ଠିକ ଭାବରେ ଗଢ଼ି ତୋଳେ। ତାର ହସ ହସ ମୁହଁ ଓ ସାହାସିକତା ଏକ ଅନ୍ଧକାର ଦିନକୁ ଆଲୋକରେ ଭରିଦିଏ। ଏଥର ପଢ଼ିଲା ଅଦଭୁତାନନ୍ଦଙ୍କର ପାଳି ସେ କହିଲେ ଆଜିର ସଭାର ଉଦ୍ଦେଶ୍ୟରୁ ଆମେ ବାହାରି ଯାଉଚେ ଓ ମାର ଗୁଣଗାନ କରୁଛେ। ସଭାର ଉଦ୍ଦେଶ୍ୟ ହେଉଛି କିପରି ବ୍ୟଭିଚାର, ବଳାତ୍କାର, ନାରୀ ଜାତି ପ୍ରତି ଅସମ୍ମାନ କମିବ ସେ ବିଷୟରେ ଆଲୋଚନା କରିବା। ସେ କହିଲେ ମୁଁ ପଚାରୁଛି 'ଯଦି ସବୁ ସ୍ତ୍ରୀଲୋକ ମାନେ କର୍ମଜୀବୀ ହୋଇଯିବେ ତେବେ ଘରେ ରହିବ କିଏ? ଯଦି ସ୍ୱାମୀ ସ୍ତ୍ରୀ ଉଭୟେ କର୍ମକ୍ଷେତ୍ରକୁ ଯିବେ ତେବେ ଘର ସମ୍ଭାଳିବ କିଏ? ଯଦି ସ୍ତ୍ରୀଲୋକମାନେ ଅନ୍ୟର ପିଲାମାନଙ୍କୁ ପଢ଼ାଇବା ପାଇଁ ସ୍କୁଲକୁ ଯାଆନ୍ତି ତେବେ ନିଜ ପିଲାଙ୍କୁ ପଢ଼ାଇବ କିଏ? ହାତରେ ପୁସ୍ତକ ଧରି ସ୍ତ୍ରୀଲୋକ ମାନେ ଯଦି ପୁରୁଷ ମାନଙ୍କ ପରି ବାହାରକୁ ଯାଆନ୍ତି ତେବେ ରୋଷେଇ କାର୍ଯ୍ୟ କରିବ କିଏ? ଆର୍ଥିକ ଅବସ୍ଥାରେ ସ୍ତ୍ରୀଲୋକମାନେ ସ୍ୱଚ୍ଛଳତା ଆଣିଲେ ମଧ୍ୟ ସ୍ତ୍ରୀର ଶୂନ୍ୟ ସ୍ଥାନକୁ ପୂରଣ କରିବ କିଏ? ସ୍ତ୍ରୀଲୋକମାନେ କର୍ମକ୍ଷେତ୍ରକୁ ଗଲେ ସୁଖୀ ସଂସାର ସ୍ୱପ୍ନ ହୋଇଯିବ କି? ପଛ ପଟରୁ ଘୋର ପାଟି ତୁଣ୍ଡ ହେବାରୁ ଅଦଭୂତାନନ୍ଦଙ୍କ ପ୍ରବଚନ ବନ୍ଦ କରିବାକୁ ପ୍ରଯୋଜକ ବାଧ୍ୟ ହେଲେ।

ଏଥର ଆନନ୍ଦାନନ୍ଦ କହିଲେ ମୋର ଗଭୀର ଚିନ୍ତା ସନ୍ତାନର ଗଭୀର ଭାବେ କ୍ଷତବିକ୍ଷତ ହୃଦୟକୁ ସଜାଡ଼ିପାରେ। ମାର ଜ୍ଞାନକୌଶଳ ଓ ସହନଶୀଳତା ପୁତ୍ରର ଛୋଟ ହୃଦୟକୁ ବଦଳାଇଥାଏ। ମାର ଦୟୀଭାବ ଆମର ଭୁଲକୁ କ୍ଷମା କରିଥାଏ। ଅସୁବିଧାରେ ମା ପିଠି ଥାପୁଡ଼େଇ ଦେଇ ମୁଣ୍ଡକୁ ନୁଆଁଇ ଭଗବାନଙ୍କୁ ପ୍ରାର୍ଥନା କରେ। ମାର ଜ୍ଞାନ ପ୍ରକୃତରେ କଣ ଆମେ ଚାହିଁ ତାହା ବୁଝାଇ ଦେଇଥାଏ। ତାର ପ୍ରେମପୂର୍ଣ୍ଣ କଥା ଓ କର୍ମ ଦ୍ୱାରା ସେ ଆମକୁ ଅନେକ କିଛି ସୂଚାଇ ଦେଇଥାଏ। ମାର ପୂର୍ଣ୍ଣ ବିଶ୍ୱାସ ଦୃଢ଼ ମନୋଭାବ ପିଲାଟିକୁ ସ୍ୱାର୍ଥପରତା, କାମ ଓ ଅହଙ୍କାର ଗଦରରୁ ରକ୍ଷା କରିଥାଏ। ବେଳେ ବେଳେ ଅନୁଭବ ହୋଇଥାଏ ଆମର ଆନନ୍ଦ ମାର ହୃଦୟ ହିଁ ବୁଝିପାରିବ ଓ ବେଳେ ବେଳେ ଅନୁଭୂତ ହୁଏ ଆମର କ୍ରନ୍ଦନ ମାର ହୃଦୟ ହିଁ ବୁଝିପାରିବ। ପିଲାଳିଆମି, ଛୋଟ ପିଲାର ଭୟ ଓ ତିକ୍ତତା ମାର ହୃଦୟ ହିଁ ବୁଝିଥାଏ। ମାର ବିଶ୍ୱାସ ଦୈନନ୍ଦିନ ଜୀବନରେ ଦୃଢ଼ଶକ୍ତି ଭରିଥାଏ। ତେଣୁ ଏ ସମସ୍ତ ପୃଥିବୀରେ ଭଗବାନଙ୍କ ସ୍ଥାପନାରେ ମା ହିଁ ତାଙ୍କର ସ୍ଥାନ ନେବା ପାଇଁ ଯୋଗ୍ୟ। ସଭା ସେ ଦିନ ପାଇଁ ଭଙ୍ଗ ହେଲା।

+ଅବସରପ୍ରାପ୍ତ ପ୍ରଧାପିକା,
ସିଡିଏ, କଟକ,
ମୋ: ୯୬୯୨୯୮୦୦୨୬

ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

ତ୍ରିପାଦମୋହିନୀ

ଜ୍ୟୋତ୍ସ୍ନାମୟୀ ପଣ୍ଡା

॥ ଭାଗ-୨୬(କ) ॥

(ପୂର୍ବ ପ୍ରକାଶିତ ଉତ୍ତାରୁ)

ସ୍ୱୟଂ ଭୁବ ମନ୍ୟୁଙ୍କର ବଂଶଜ ପ୍ରିୟବ୍ରତଙ୍କର ସାମ୍ରାଜ୍ୟ ପୃଥିବୀର ଅଧିକାଂଶ ଅଞ୍ଚଳ ପର୍ଯ୍ୟନ୍ତ ବିସ୍ତୃତ ଥିଲା। ତାଙ୍କର କେତେକ ବଂଶଧର କାସପୀୟାନ ସାଗର କୂଳରେ କିମ୍ବା ହିମାଳୟର ପାଦ ଦେଶରେ କିମ୍ବା ଆର୍ଯ୍ୟକା ନଦୀ କୂଳରେ ଗ୍ରାମୀଣ ଜୀବନ ଯାପନ କରୁଥିଲେ। ଏହି ଆର୍ଯ୍ୟକା ନଦୀ ଚୀନ, ଋଷିଆ ଆଦି ବା ଭାରତରେ ଅବସ୍ଥିତ ଥିଲା। କିନ୍ତୁ ଭାଗବତ ଅନୁସାରେ ଏହି ଆର୍ଯ୍ୟ କା ନଦୀ କ୍ରୌଞ୍ଚ ଦ୍ୱୀପରେ ଅବସ୍ଥିତ ଥିଲା। ଏମାନେ ସେଠାରୁ ଆସି ହିମାଳୟର ପାଦ ଦେଶ ବ୍ରହ୍ମପୁତ୍ରଠାରୁ ସରସ୍ୱତୀ ନଦୀ ବା ସପ୍ତସିନ୍ଧୁ ଅଞ୍ଚଳରେ ବସବାସ କରୁଥିଲେ।

ଏହିମାନଙ୍କ ପୂର୍ବରୁ ଦ୍ରାବିଡ ମାନେ ଭାରତରେ ବସବାସ କରୁଥିଲେ ଓ ଭାରତର ସ୍ଥାୟୀ ଅଧିବାସୀ ଥିଲେ। ଏହିମାନେ କୃଷ୍ଣକାୟ ଥିଲେ। ଏମାନେ ମଧ୍ୟ ବିଭିନ୍ନ ଦେବ, ଦେବୀମାନଙ୍କର ଉପାସନା କରୁଥିଲେ। ବିଶେଷ ତଃକଶ୍ୟପଙ୍କ ସମୟରୁ ମଧ୍ୟ ପାଷଳଣ ଯୁଗରୁ ଏମାନେ ଆଡ଼ିମାତା ବା ମାତୃକା ମାନଙ୍କ ଉପାସନା କରୁଥିଲେ।

ଏହି ସମୟ ପରେ ପାୟ ପାଞ୍ଚ ହଜାର ବର୍ଷ ପୂର୍ବରୁ ସେମାନେ ନିଜକୁ ଆର୍ଯ୍ୟ ନାମରେ ପରିଚୟ ଦେଇଥିଲେ।

ଏହି ଦ୍ରାବିଡ ଓ ଆର୍ଯ୍ୟ ମାନଙ୍କର ବହୁ ବର୍ଷ ପରେ ଇଉରୋପୀୟ, ଭାରତ,ଇଉରୋପୀୟ ,କୃଷ୍ଣକାୟ ଓ ମଙ୍ଗୋଲିୟ ମାନେ ଜଳପଥ ସ୍ଥଳପଥ ବା ହିମାଳୟର ସଂକୀର୍ଣ୍ଣ ଗିରିପଥ ଦେଇ ଭାରତରେ ପ୍ରବେଶ କରିଥିଲେ ଏବଂ ସେମାନଙ୍କ ସହ ଦ୍ରାବିଡ଼ମାନଙ୍କର ବୈବାହିକ ସମ୍ପର୍କ ସ୍ଥାପିତ ହୋଇଥିଲା। ଯେଉଁ ମାନେ କି ପ୍ରାୟ ବହୁ ପୂର୍ବରୁ ଧ୍ରୁବଙ୍କ ବଂଶଧର ତଥା ଭାରତଙ୍କର ଭ୍ରାତା ଦ୍ରାବିଡଙ୍କର ଅଧିକୃତ ଅଞ୍ଚଳ ମଧ୍ୟରେ ବସବାସ କରୁଥିଲେ। ପରେ ସ୍ୱୟଂ ଭୁବ ଶ୍ରାଦ୍ଧ ଦେବଙ୍କ ସମୟରୁ ଦ୍ରାବିଡ ମାନେ ମଧ୍ୟ ଆର୍ଯ୍ୟରେ ପରିଣତ ହୋଇଥିଲେ।

ଆର୍ଯ୍ୟମାନେ ଭାରତର ପଞ୍ଜାବର ସପ୍ତ ସିନ୍ଧୁ (ପଞ୍ଚନଦୀ) ଅଞ୍ଚଳରେ ବସତି ସ୍ଥାପନ କରିଥିଲେ। ସେମାନେ ବିଷ୍ଣୁ ଭକ୍ତ ଥିଲେ। ଗଣିତ, ଜ୍ୟୋତିଷ,ସାହିତ୍ୟ, କୃଷି ଓ ଯୁଦ୍ଧ ବିଦ୍ୟାରେ ସେମାନେ ଅତ୍ୟନ୍ତ ପାରଙ୍ଗମ ଥିଲେ। ସେମାନଙ୍କର ଅତ୍ୟନ୍ତ ଉଚ୍ଚକୋଟୀର ଆଧ୍ୟାତ୍ମିକ ଜ୍ଞାନ ରହିଥିଲା। ସେମାନେ ବେଦର ସ୍ତୋତ୍ର ରଚନା କରୁଥିଲେ ଓ ବିଶେଷତଃ ପ୍ରକୃତିର ଉପାସକ ଥିଲେ। ସେମାନେ ତାଙ୍କଠାରୁ ଉଚ୍ଚ ଯୋଗ ଶକ୍ତି ସମ୍ପନ୍ନ ଦେବତା ମାନଙ୍କୁ ସନ୍ତୋଷ କରିବା ପାଇଁ ସ୍ତୋତ୍ର ରଚନା କରୁଥିଲେ। ଏହା ଶୁଣି, ଶୁଣି ପୁରୁଷାନୁକ୍ରମେ ସ୍ମରଣ ରଖୁଥିବାରୁ ଏହାର ଅନ୍ୟ ନାମ ଶ୍ରୁତି, ଅପୌରୁଷେୟ, ବେଦ ବା ଜ୍ଞାନ ଥିଲା।

ବର୍ତ୍ତମାନଠାରୁ ପ୍ରାୟ ସାତ ହଜାର ବର୍ଷ ତଳେ ତ୍ରେତୟା ଯୁଗ ଆରମ୍ଭ ହୋଇଥିଲା। ସତ୍ୟଯୁଗ ତାହା ପୂର୍ବରୁ କେବେ ଆରମ୍ଭ ହୋଇଥିଲା ତାହା ନିର୍ଦ୍ଦିଷ୍ଟ ଭାବରେ ମୋତେ ଜଣା ନାହିଁ। ତଥାପି ନୂତନ, ମଧ୍ୟ ତଥା ପୁରାତନ ପାଷାଣ ଯୁଗ ଆଦି ସତ୍ୟ ଯୁଗର ଅନ୍ତର୍ଭୁକ୍ତ ଥିଲା ବୋଲି ମନେ ହୁଏ।

ଏହି ସମୟରୁ ହିଁ ଆର୍ଯ୍ୟ ମାନଙ୍କର ପୂର୍ବଜ ମାନେ ଭାରତ ରେ ବସତି ସ୍ଥାପନ କରିଥିଲେ। କିନ୍ତୁ, ପ୍ରଳୟ ପରେ କଶ୍ୟପଙ୍କ ଠାରୁ ଦେବତା ଓ ଦାନବ ମାନେ ଜନ୍ମ ଗ୍ରହଣ କରିଥିଲେ। ଅଦିତିଙ୍କର ପୁତ୍ର ଅର୍ଯ୍ୟମା ଏବଂ ମାତୃକା, ଯିଏକି ଜାଭା ଦ୍ୱୀପର ମାତରମ ନାମକ ସ୍ଥାନରେ ଜନ୍ମ ଗ୍ରହଣ କରିଥିବା ସଂଭବ,ଏହି ଦୁହିଁଙ୍କଠାରୁ ଏମାନେ ସୃଷ୍ଟି ହୋଇଥିଲେ କିମ୍ବା ଅର୍ଯ୍ୟମା ଆର୍ଯ୍ୟ ମାନଙ୍କର ଶାସନ କର୍ତ୍ତା ଥିଲେ।

ଦେବତା ମାନେ ଆର୍ଯ୍ୟ ମାନଙ୍କର ପୂର୍ବଜ ବା ସମ ସାମୟିକ ଥିଲେ। ଦେବତା ମାନେ ଦୈବୀଶକ୍ତି ସମ୍ପର୍ଣ୍ଣ ଥିଲାବେଳେ ଅସୁର ମାନେ ଅତି ଭୟଙ୍କର ରୂପ ତଥା ନୃଶଂସ ଓ ନିର୍ଦ୍ଦୟ ଥିଲେ। ସେମାନେ ବିଭିନ୍ନ ପ୍ରାଣୀ ମାନଙ୍କର ମାଂସ ସହିତ ନରମାଂସ ମଧ୍ୟ ଭକ୍ଷଣ କରୁଥିଲେ। ନର ମାଂସ ଏମାନଙ୍କ ପ୍ରିୟ ଖାଦ୍ୟ ଥିଲା।

ଏମାନେ ରାତିରେ ଖାଦ୍ୟ ଅନ୍ୱେଷଣ କରି ଜନପଦ ତଥା ଅରଣ୍ୟ ରେ ବସତି ସ୍ଥାପନ କରିଥିବା ମୁନି, ଋଷି ତଥା ମଣିଷ ମାନଙ୍କ ଉପରେ ଆକ୍ରମଣ କରି ହତ୍ୟା କରୁଥିଲେ। ତେଣୁ ଏମାନଙ୍କୁ ନିଶାଚର କୁହାଯାଉଥିଲା। ବେଳେ ବେଳେ ଏମାନଙ୍କ ପାଇଁ ଜନ ପଦ ମାନ ଶୂନ୍ୟ ହୋଇଯାଉଥିଲା।ସେ ହି ସମୟରେ ପୃଥିବୀର ବିଭିନ୍ନ ସ୍ଥାନରେ ନରଭକ୍ଷୀ ଆଦିମ ମାନବ ମାନେ ବସବାସ କରୁଥିଲେ। ଆଫ୍ରିକା, ଆମେରିକା (ଯେତେବେଳେ କଲମ୍ବସ ଆମେରିକା ଆବିଷ୍କାର କଲେ, ସେ ମଧ୍ୟ ଏହିଭଳି ନର ଭକ୍ଷୀ ମାନଙ୍କୁ ଭେଟିଥିଲେ।)ତଥା ଭାରତରେ ମଧ୍ୟ ଏହି ଭଳି ନର ଭକ୍ଷିମାନଙ୍କର ଦଳମାନେ ବାସ କରୁଥିଲେ।

(କ୍ରମଶଃ)

+ବାଲିଝରି, କାନପୁର, ବଡ଼ମ୍ବା, କଟକ

ଗୋଟେ ପାଇବାର ଜିଦି ଅନେକ ହରେଇ ଦିଏ

ମନ କଥା

ଶ୍ୱେତା ରାଉତ୍

ଆମେ ମାନବ। ଦେବତା କିମ୍ବା ଦାନବ ନୁହଁ। ଆମ ଭିତରେ ଲୋଭ, ମୋହ, ସ୍ୱାର୍ଥ, କ୍ରୋଧ, ଆକର୍ଷଣ ସବୁକିଛି ରହିବା ସ୍ୱାଭାବିକ। ପରିସ୍ଥିତି ଓ ସମୟ ଅନେକ ସମୟରେ ଆମର ସଂଜମତାକୁ କ୍ଷୁର୍ଣ୍ଣ କରିଥାଏ। କେବେକେବେ କିଛି ଗୋଟେ ପାଇବାର ନିଶା ଆମକୁ ଅନ୍ଧ କରିଦିଏ। କୌଣସି ବସ୍ତୁ ଅଥବା କ୍ଷମତା, ସଫଳତା ହେଉ ଅବା କାହା ପ୍ରତି ଆକର୍ଷଣ, ପାଇବାର ଇଚ୍ଛା ଏତେ ପ୍ରବଳ ଥାଏ ଯେ ସାରା ଦୁନିଆରେ କେବଳ ତାହାହିଁ ଶ୍ରେଷ୍ଠ ଦେଖାଯାଏ, ତାକୁ ହିଁ ପାଇବାକୁ ଇଚ୍ଛା ହୁଏ, ତାର ମୂଲ୍ୟ ଦୁର୍ମୂଲ୍ୟ ପରି ଲାଗେ, ତା ବିନା ସବୁକିଛି ନିରର୍ଥକ ମନେ ହୁଏ। ଯଦି କେହି କୌଣସି ବ୍ୟକ୍ତି ପ୍ରତି ଏଭଳି ମୋହ ରଖିଥାନ୍ତୁ ଏବଂ ସେ ବ୍ୟକ୍ତିଙ୍କ ଠାରୁ ନିଜର ଆକାଂକ୍ଷା ପୂରଣ କରି ନପାରନ୍ତି, ତେବେ ଅତି ମୋହ ବଶତଃ ଆତ୍ମହତ୍ୟା ବି କରିଦିଅନ୍ତି।

ବାସ୍ତବରେ ଆମ ଜୀବନ କଣ ଏତେ ତୁଚ୍ଛ! କୌଣସି ଜଣଙ୍କ ପାଇଁ ଅନେକ ଜଣଙ୍କ ଶ୍ରଦ୍ଧା, ସ୍ନେହ, ଆପଣାପଣକୁ ପାଦରେ ଏଡେଇ ଜୀବନ ହାରି ଦିଅନ୍ତି। ଏତେ ବ୍ୟାକୁଳତା ଏ ମନରେ କାହିଁକି ଆସେ? ଅନେକ ସ୍ଥାନରେ ଦେଖିଥିବେ ଯାହା ପାଇଁ ଜଣେ କାନ୍ଦି କାନ୍ଦି ଦିନ ରାତି ଝୁରି ମରୁଥିବ, ସେ ବ୍ୟକ୍ତି ଜଣକ ଖୁବ୍ ଆନନ୍ଦରେ ମଜାରେ ବୁଲିଥିବ। ପ୍ରତ୍ୟେକ ମୋହଗ୍ରସ୍ତ ମଣିଷ ଏହା ବୁଝିବା, ମନକୁ ବୁଝେଇବା ଉଚିତ୍ ଯେ'ମନ ଆମର ଛୋଟ ପିଲାଟିଏ। ସେ ଜିଦ୍ କରିବ ତା ପସନ୍ଦ ଜିନିଷ ପାଇବାକୁ, ଯେମିତି ଛୋଟ ପିଲା ଖେଳଣା ପାଇଁ ଜିଦ୍ କରନ୍ତି'। କିନ୍ତୁ ଆମକୁ ବୁଝାଇବାକୁ ପଡ଼ିବ ଯେ ମନ ମୁତାବକ ଯଦି ମଣିଷକୁ ସବୁ ମିଳିଯାଆନ୍ତା, ମଣିଷ ଆଉ ପୃଥିବୀରେ କାହାକୁ ବି ମାନନ୍ତା ନାହିଁ। ମଣିଷ ଭିତରେ ଆହୁରି ଲୋଭ ବଢ଼ି ଯାଆନ୍ତା, ପାଇବାର ଆଶା ବଢ଼ି ଯାଆନ୍ତା। ଜୀବନରେ ସନ୍ତୁଳନ ରହନ୍ତା ନାହିଁ।

ଯେତେବେଳେ ଆପଣଙ୍କ ଗୋଟେ ହାତ ଖରାପ ହୋଇଯାଉଛି, ଆପଣ ଆତ୍ମହତ୍ୟା କରୁନାହାନ୍ତି କି ହାତକୁ ଦେହରୁ ଅଲଗା କରୁନାହାନ୍ତି। ବରଂ ତାର ଉପଚାର କରି ହାତକୁ ଠିକ୍ କରୁଛନ୍ତି। ଠିକ୍ ସେମିତି କୌଣସି ଆକର୍ଷଣ, ମୋହ, ଆକାଂକ୍ଷା ପାଇଁ ସବୁ ସୁନ୍ଦର ସମ୍ପର୍କକୁ ଦୂରକୁ ଠେଲି ଦେଇ ନିଜକୁ ଏକା କରନ୍ତୁ ନାହିଁ କିମ୍ବା ହତାଶ ହୁଅନ୍ତୁ ନାହିଁ।ଜୀବନର ରଙ୍ଗମଞ୍ଚରେ ଭଲ ଅଭିନୟ କରି ଜୀବନ ନାଟକକୁ ସଫଳ କରନ୍ତୁ। ଆକର୍ଷଣ, ସମ୍ମୋହନ, ସମ୍ବେଦନ ଆମ ମନର ଗୋଟେ ଗୋଟେ ଭାବ,ଏ ମଣିଷ ଶରୀରରେ ସେ ଭାବ ସମସ୍ତଙ୍କ ଭିତରେ ରହିଥାଏ। ସେ ଭାବକୁ ଏତେ ମାତ୍ରାରେ ମୁଣ୍ଡକୁ ନିଅନ୍ତୁ ନାହିଁ, ତାକୁ ତା ବାଟରେ ଛାଡି ଦେଇ ନିଜ ମନକୁ ନିଜ ଅଧୀନରେ ରଖନ୍ତୁ। ଦେଖିବେ ସବୁ ସମ୍ପର୍କ ମଧୁର ଲାଗିବ। ଆକର୍ଷଣକୁ ପ୍ରାପ୍ତ କରିବାକୁ ଜିଦ୍ କରିବା ଠିକ୍ ନୁହେଁ। ଶ୍ରଦ୍ଧା କେବେ ଜିଦ୍‌ରେ ମିଳେନି, ତ୍ୟାଗ ଓ ଉତ୍ସର୍ଗ ଦ୍ୱାରା ପ୍ରାପ୍ତ ହୋଇଥାଏ। ଗୋଟେ ଜିଦ୍ ପାଇଁ ଅନେକ ସମ୍ପର୍କକୁ ନଷ୍ଟ ନକରି ବରଂ ସେ ଜିଦ୍‌କୁ ମାରି ଦେବା ଉଚିତ୍।

+ରାଉତ କମ୍ପ୍ଲେକ୍ସ, କଟକ ରୋଡ, ଲକ୍ଷ୍ମୀସାଗର, ଭୁବନେଶ୍ୱର
(ମୋ)୯୪୩୯୭୨୬୦୬୦

ଆଜିର କବିତା

ନଦୀ

ଦେବଯାନୀ ରାୟ

ହୃଦୟ କୋହକୁ ମୁଣ୍ଡେଇ
କହ କହ ବହିଚାଲି ଥିବା ନିର୍ଝରିଣୀ
କେବେ ପାଲଟି ଯାଏ ନଦୀରୁ ପୁଷ୍କରିଣୀ।

ନଦୀ ସୀମା ଲଂଘେ
ଏଠି କିନ୍ତୁ ସେମିତି ହୁଏନା
ବନ୍ଧ ଡେଇଁବାକୁ ହେଲେ ତାକୁ
ଭାବିବାକୁ ହୁଏ ବାର ବାର, ସହସ୍ର ବାର
ସେଥିପାଇଁ ବେଫିକର ହୋଇପାରେନା
ଆଖିର ଲୁହସବୁ
ନିଗିଡିବ କଣ ପଥର ହୋଇ
ଓହଳି ରୁହେ ଛାତି ଭିତରେ।

ବଡ ଦୁଖ ସତେ ତ
ଏମିତି ବହିବାର ମାନେ କଣ
ହୋଇପାରେ
ନଦୀରୁ ପୁଷ୍କରିଣୀ,
ପୁଷ୍କରିଣୀରୁ ତାଡାଗ, କୂପ
ଏହି କ'ଣ ପରିଚିତି ଆଜିକା ଦିନରେ
ଯେମିତି ପଥର ହିଁ ଜୀବନର
ଶେଷତମ ପରିଚୟ।

ବେଳେ ବେଳେ ପ୍ରଶ୍ନ ଆସେ ମନରେ
ବିନା ମତଲବ୍‌ରେ
କଣ ବଞ୍ଚିହେବନି ଦୁନିଆଁରେ
ଭୂଇଁକୁ କଷ୍ଟ ନ ଦେଲା ଭଳି
ରଖିହେବନି ପାଦ
ଆକାଶର ଅନୁପସ୍ଥିତିରେ
ଆଙ୍କି

ଇନ୍ଦ୍ରଦ୍ୟୁମ୍ନ ପୋଖରୀରୁ ଲୋପ ପାଇଯିବେ କୂର୍ମ: ପୁରୀ ଗଜପତିଙ୍କଠାରୁ ପୁରସ୍କାର ଭାବେ କୂର୍ମ ଆଣିଥିଲେ ହାତୀରାମ

ବୁଗୁଡ଼ା, ୧୩/୧୨ (ନି.ପ୍ର): ଗଞ୍ଜାମ ଜିଲ୍ଲା ବୁଗୁଡ଼ା ବ୍ଲକ୍ ଗୋଲିଆ ଗ୍ରାମର ଶିବମନ୍ଦିର ନିକଟରେ ରହିଛି ନୀଳ ପୋଖରୀ। ଓଡ଼ିଶାର ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ ପୋଖରୀ ଭାବେ ଏହା ପରିଚିତ। ପୁରୀର ଇନ୍ଦ୍ରଦ୍ୟୁମ୍ନ ପୋଖରୀ ପରେ ରାଜ୍ୟର ଏହା ଦ୍ୱିତୀୟ ପୋଖରୀ ଯେଉଁଠି ବିରଳ ପ୍ରଜାତିର କୂର୍ମ (ବଡ଼ କଇଁଛ) ଦେଖାଯାଆନ୍ତି। ଏହି ବ୍ୟତୀତ ଅନ୍ୟ କୌଣସି ପୋଖରୀରେ କୂର୍ମ ବଞ୍ଚିପାରନ୍ତି ନାହିଁ। କିନ୍ତୁ ଉଦ୍?ବେଗର ବିଷୟ ହେଲା, ସଂପ୍ରତି ନୀଳ ପୋଖରୀ ଅବହେଳିତ ହୋଇପଡ଼ିଥିବାରୁ କୂର୍ମଙ୍କ ଜୀବନ ପ୍ରତି ବିପଦ ଦେଖାଦେଇଛି। ପୋଖରୀରେ ମାଛ ଧରିବାକୁ ବାରଣ ସତ୍ତ୍ୱେ ସୁରକ୍ଷାକର୍ମୀ ନଥିବାରୁ ଲୋକେ ଜାଲ ପକାଉଛନ୍ତି। ଜାଲରେ ଲାଗି କୂର୍ମ ଆଘାତ ପାଇବା ସହ ମୃତ୍ୟୁମୁଖରେ ପଡୁଛନ୍ତି। ଏମାନଙ୍କ ସୁରକ୍ଷା ଦାୟିତ୍ୱ ବନ ବିଭାଗ ନେଇଛି ସତ, କିନ୍ତୁ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରିନି। ଏଭଳି ସ୍ଥିତି ଜାରି ରହିଲେ ଏହି ପୋଖରୀରୁ କୂର୍ମ ବଂଶ ଲୋପ ପାଇଯିବ ବୋଲି ପରିବେଶବିତ୍ ଚିନ୍ତା ପ୍ରକଟ କରିଛନ୍ତି।

ଇତିହାସକୁ ଅବଲୋକନ କଲେ, ଖ୍ରୀଷ୍ଟାବ୍ଦ ୧୮୨୫ରୁ ୧୮୪୫ ମଧ୍ୟରେ ଏହି ଗ୍ରାମର ଡି. ଏଙ୍କଟ ମୂର୍ତ୍ତି ଦୋରା ନାମକ ଜଣେ ବଳବାନ ଯୁବକ ରଥଯାତ୍ରା ଦେଖିବାକୁ ପୁରୀ ଯାଇଥିଲେ। ସେଠାରେ ଏକ ପାଗଳ ହାତୀ ସମସ୍ତଙ୍କୁ ନାକେଦମ୍ କରିଦେଇଥିଲା। କିନ୍ତୁ ଏଙ୍କଟ ସାହସ ଜୁଟାଇ ହାତୀକୁ ଆୟତ୍ତ କରିବାରୁ ପୁରୀ ଗଜପତି ତାଙ୍କୁ ପ୍ରଶଂସା କରିଥିଲେ। ଏଥିରେ ଖୁସି ହୋଇ 'କଣ ମାଗୁଛ ମାଗ' ବୋଲି କହିଥିଲେ। ଏଙ୍କଟ ଇନ୍ଦ୍ରଦ୍ୟୁମ୍ନ ପୋଖରୀରୁ ୨ଟି କୂର୍ମ ମାଗିଥିଲେ। ପୁରୀ ଗଜପତି ତାଙ୍କୁ ଦେଇଥିବା ଦୁଇଟି କୂର୍ମକୁ ଆଣି ଏଙ୍କଟ ନୀଳ ପୋଖରୀରେ ଛାଡ଼ିଦେଇଥିଲେ। ସେବେଠୁ ଗ୍ରାମରେ ଲୋକେ ଏଙ୍କଟଙ୍କୁ ହାତୀରାମ ଦୋରା ବୋଲି ଡାକିବା ଆରମ୍ଭ କରିଥିଲେ। ପୋଖରୀରେ କୂର୍ମ ବଂଶ ବି ବୃଦ୍ଧି ପାଇଥିଲା। ବର୍ତ୍ତମାନ ଏଠାରେ ଶତାଧିକ କୂର୍ମ ଅଛନ୍ତି। ଏହାକୁ ଦେଖିବାକୁ ଦୂରଦୂରାନ୍ତରୁ ପର୍ଯ୍ୟଟକ ମଧ୍ୟ ଆସୁଛନ୍ତି। ବନ ବିଭାଗ ୧୦ ବର୍ଷ ତଳେ ଏହି ପୋଖରୀକୁ ନିଜ ଅଧୀନକୁ ନେଇଛି। କୂର୍ମଙ୍କ ସୁରକ୍ଷା ଏବଂ ପୋଖରୀର ସୌନ୍ଦର୍ଯ୍ୟୀକରଣ ପାଇଁ ବନ ବିଭାଗ ଓ ଗ୍ରାମବାସୀଙ୍କ ସହଯୋଗରେ ଏକ କମିଟି ଗଠନ କରାଯାଇଥିଲା। ପୋଖରୀ ଚାରିପାଖ ସଫେଇ ସହ ହୁଡ଼ାରେ ଆଲୋକ ବ୍ୟବସ୍ଥା ଏବଂ ତାର ବାଡ଼ ବିଛାଯାଇ ବନ ବିଭାଗ ପକ୍ଷରୁ ୨ ଜଣ ସୁରକ୍ଷାକର୍ମୀଙ୍କୁ ନିଯୁକ୍ତି ଦିଆଯାଇଥିଲା। କିନ୍ତୁ କୌଣସି କାରଣବଶତଃ ଦୁଇବର୍ଷ ହେଲା ସୁରକ୍ଷାକର୍ମୀଙ୍କୁ ଏଠାରୁ ବାହାର କରିଦିଆଯାଇଛି। ପୋଖରୀ ହୁଡ଼ାରେ ଆଲୁଅ ମଧ୍ୟ ଜଳୁନି। ଜାଲ ପକାଇ ମାଛ ଧରାଯାଉଥିବାରୁ କୂର୍ମଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। ପଞ୍ଚାୟତ ପକ୍ଷରୁ କେବଳ ପୋଖରୀ ଚାରିପାଖକୁ ସଫେଇ କରାଯାଉଛି। ତଥାପି ଲୋକେ ଅଳିଆ ପକାଇ ପାଣିକୁ ପ୍ରଦୂଷଣ କରୁଛନ୍ତି। ଯଦି ପଞ୍ଚାୟତକୁ ଏହାର ସଂପୂର୍ଣ୍ଣ ରକ୍ଷଣାବେକ୍ଷଣ ଦାୟିତ୍ୱ ଦିଆଯାଆନ୍ତା, ତାହେଲେ ସ୍ୱତନ୍ତ୍ର ଯୋଜନାରେ ଏହାର ଉନ୍ନତି ହୋଇପାରନ୍ତା ବୋଲି ଗୋଲିଆ ସମିତିସଭ୍ୟ ତଥା ବୁଗୁଡ଼ା ବ୍ଲକ୍ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ କହିଛନ୍ତି । ବୁଗୁଡ଼ା ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ର କହିଛନ୍ତି, ବହୁବର୍ଷ ତଳେ ଏଥି ପାଇଁ ଥରେ ମାତ୍ର ଯାହା ଅନୁଦାନ ଆସିଥିଲା। ସେଥିରେ ପୋଖରୀର ରକ୍ଷଣାବେକ୍ଷଣ ସଂକ୍ରାନ୍ତରେ କିଛି କାର୍ଯ୍ୟ ହୋଇଛି। ପୁଣି ଅନୁଦାନ ପାଇଁ ବହୁବାର ଲିଖିତ ଭାବେ ଦୃଷ୍ଟି ଆକର୍ଷଣ କରାଯାଇଛି। କିନ୍ତୁ ଅନୁଦାନ ମିଳିନି।

କଫ ସିରପ ଚାଲାଣ କରୁଥିବା ତିନି ନିଶା ବେପାରୀ ଗିରଫ: ୩୦୦ ବୋତଲ ଟସ୍କୋରେକ୍ସ କଫ ସିରପ ଜବତ

ବଲାଙ୍ଗିର, ୧୩/୧୨ (ନି.ପ୍ର): ଆକ୍ସନ ମୋଡରେ ପାଟଣାଗଡ଼ ପୋଲିସ । ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ପାଟଣାଗଡ଼ ପୋଲିସ ବେଆଇନ ଭାବେ କଫ ସିରପ ଚାଲାଣ କରୁଥିବା ତିନି ଜଣ ନିଶା ବେପାରୀଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୩୦୦ ବୋତଲ ଟସ୍କୋରେକ୍ସ କଫ ସିରପ ଜବତ କରିଥିବା ପାଟଣାଗଡ଼ ଏସ୍ଡିପିଓ ଜ୍ୟୋତିର୍ମୟ ଭୁକ୍ତା ଆଜି ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି । ସୂଚନା ଅନୁସାରେ, ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପାଟଣାଗଡ଼ ପୋଲିସ ଏସଆଇ ବ୍ରଜକିଶୋର ପଣ୍ଡାଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଗଠନ କରି ପାଟଣାଗଡ଼ରୁ କଣ୍ଟାବାଞ୍ଜି ଯାଉଥିବା ରାସ୍ତାରେ ଥିବା ବିନ୍ଧନପଥର ଛକ ନିକଟରେ ଥିବାବେଳେ ବିନ୍ଧନପଥର ଗ୍ରାମର ଅନିରୁଦ୍ଧ ମେହେର ବେଆଇନ ଭାବେ ନିଜ ବାଇକ ନଂ ଓଆର୦୩ଏଚ-୬୨୭୭ ରେ ୩୦୦ ବୋତଲ କଫ ସିରପ ବେଲପଡା ଅଂଚଳରେ ଥିବା ଡ୍ରଗ୍ସ ପେଡଲରଙ୍କୁ ଏହା ହସ୍ତାନ୍ତର କରିବାକୁ ନେଉଥିବା ବେଳେ ପୋଲିସ ମାଡିବସି ଅଭିଯୁକ୍ତକୁ ଗିରଫ କରି କଫ ସିରପ ଜବତ କରିଥିବା ଜଣାପଡିଛି । ଏହି ଲିଙ୍କରେ ଆହୁରି ଦୁଇଜଣ ବେଆଇନ ନିଶା ବେପାରୀ ବଲାଙ୍ଗିର ଟାଉନ ଥାନା ଅନ୍ତର୍ଗତ ହାତୀଶାଲପଡାର ଦାମୋଦର ମଲ୍ଲିକ(୩୨) ଏବଂ ଚଟିଆପାଲିର ରୋହିତ କୁମାର ସିଂ(୩୪) କୁ ପୋଲିସ ଗିରଫ କରିଛି । ଏନେଇ ପାଟଣାଗଡ଼ ଥାନା କେସ ନଂ ୩୧୭/୨୦୨୩ ର ଧାରା ୨୧(ସି) /୨୯ ଏନ୍ଡିପିଏସ୍ ଆକ୍ଟ ଅନୁଯାୟୀ ତିନିଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ବେଲ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠେଇ ଦେଇଥିବା ପାଟଣାଗଡ଼ ଥାନାଧିକାରୀ ଅନନ୍ତ ପଧାନ ସୂଚନା ଦେଇଛନ୍ତି । ପାଟଣାଗଡ଼ କପ ସିରଫର ଆଡ୍ଡାସ୍ଥଳୀ ପାଲଟି ଥିବା ବେଳେ ପୂର୍ବରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ପୋଲିସ ଓ ଅବକାରୀ ବିଭାଗ ବିପୁଳ ପରିମାଣରେ କପ ସିରଫ ଜବତ କରି ଆସୁଛି ଆଜି ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ, ଗୋଟିଏ ନାମୀ କୋରିଅର କମ୍ପାନୀ (ଡିଟିଡିସି) ରେ ବାଲେଶ୍ୱର ଜିଲ୍ଲା ସୋର ଅଞ୍ଚଳରୁ ଭାୟା ବଲାଙ୍ଗିର ଦେଇ କୁରିଅରରେ ବେଆଇନ କଫ ସିରପ ଚାଲାଣ ହେଉଛି । କୋରିଅର କମ୍ପାନୀ ଗୁଡ଼ିକ ସବୁ ଜାଣିଶୁଣି ଏସବୁ ବେଆଇନ କାମରେ କିପରି ଲିପ୍ତ ରହୁଛନ୍ତି ବୋଲି ଜନସାଧାରଣରେ ଆଲୋଚନା ହେଉଅଛି ।

ଯୁବ ଆଦିବାସୀ ଭାବ ବିନିମୟ କାର୍ଯ୍ୟକ୍ରମ ପାଇଁ କନ୍ଧମାଳ ଦଳର ବାଙ୍ଗାଲୁରୁ ଯାତ୍ରା

କନ୍ଧମାଳ, ୧୩/୧୨ (ନି.ପ୍ର): ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ସଭାଗୃହ ଫୁଲବାଣୀ ଠାରେ ନେହରୁ ଯୁବକେନ୍ଦ୍ର ଫୁଲବାଣୀ ତରଫରୁ ୧୫ ତମ ଯୁବ ଆଦିବାସୀ ଭାବ ବିନିମୟ କାର୍ଯ୍ୟକ୍ରମ ପାଇଁ କନ୍ଧମାଳ ଦଳ ବାଙ୍ଗାଲୁରୁ ଅଭିମୁଖେ ଯାତ୍ରା କରୁଛନ୍ତି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପିଏ ଆଇଟିଡିଏ ଅଧିକାରୀ ପ୍ରବୀଣ କୁମାର୍ ବାଣୁଆ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ବଂଶୀଧର ପଣ୍ଡା, ରବୀନ୍ଦ୍ର ନାଥ ମିଶ୍ର, ନବ କିଶୋର ରଥ ଏବଂ ନେହେରୁ ଯୁବ କେନ୍ଦ୍ର ଫୁଲବାଣୀର ଜିଲ୍ଲା ଯୁବ ଅଧିକାରୀ ନ୍ୱନୀତ କୁମାର, ସହକର୍ମୀ ସତ୍ୟବାନ୍ ଦଳବେହେରା ପ୍ରମୁଖ ଯୋଗଦେଇ ଅନୁଷ୍ଠିତ କାର୍ଯ୍ୟକ୍ରମ ବିଷୟରେ ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ।

ଜନ୍ମଜେୟଙ୍କୁ ଜାତୀୟସ୍ତର ଆମ୍ବେଦକର ସମ୍ମାନ

ବଲାଙ୍ଗିର, ୧୩/୧୨ (ନି.ପ୍ର):ବଲାଙ୍ଗିରର ଦଳିତ ସାହିତ୍ୟିକ ତଥା ସମାଜସେବୀ ଜନ୍ମଜେୟ ବାରିକଙ୍କୁ ଜାତୀୟ ସ୍ତରର ସମ୍ମାନ ଦିଲ୍ଲୀ ଠାରେ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ, ନୂଆଦିଲ୍ଲୀର ଜରୋଦା ଗ୍ରାମସ୍ଥିତ ପଂଚଶୀଳ ଆଶ୍ରମରେ ଦଳିତ ସାହିତ୍ୟ ଏକାଡେମୀ ତରଫରୁ ଡିସେମ୍ବର ୧୦ ଓ ୧୧ ତାରିଖ ଦୁଇ ଦିନ ଧରି ୩୯ ତମ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀରେ ଦଳିତ, କଳା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଅନନ୍ୟା ଅବଦାନ ରଖିଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜନ୍ମଜେୟଙ୍କୁ ଦଳିତ ସାହିତ୍ୟ ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଆମ୍ବେଦକର ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା ।

ନାରୀ ହେଲେ ପାଠୋଇ: ଦେଶ ଯିବ ଆଗେଇ

ବଲାଙ୍ଗିର, ୧୩/୧୨ (ନି.ପ୍ର): ନାରୀ ହେଲେ ପାଠୋଇ, ଦେଶ ଯିବ ଆଗେଇ ନାରାରେ ଆଜି ପ୍ରକମ୍ପିତ ହୋଇଛି ବଲାଙ୍ଗିର ସହର। ଯୁବ ସମନ୍ୱିତ ବିକାଶ କାର୍ଯ୍ୟକ୍ରମ ଅବସରରେ ଆଜି ଛାତ୍ରୀମାନଙ୍କ ଏକ ବିଶାଳ ରାଲି ବଲାଙ୍ଗିର ସରକାରୀ ମହିଳା ମହାବିଦ୍ୟାଳୟରୁ ବାହାରି ସହର ପରିକ୍ରମା କରିଥିବା ଦେଖିବାକୁ ମିଳିଛି । ନାରୀ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହା ଆୟୋଜିତ ହୋଇଛି । ଏହି ବିଶାଳ ରାଲି ନାରୀ ଶିକ୍ଷାକୁ ନେଇ ବିଭିନ୍ନ ନାରା ସହ ବଲାଙ୍ଗିର ସହରର ଭାଗିରଥୀ ଛକ, କଚେରୀ ଛକ ଦେଇ ହାତୀଶାଲ୍ପଡ଼ା ପଟରୁ ରାଲି ଆରମ୍ଭ ସ୍ଥଳକୁ ଫେରିଥିବା ଦେଖିବାକୁ ମିଳିଛି ।

୧୪ରୁ ତୃତୀୟ ଅନ୍ତର୍ଜାତୀୟ କ୍ଷୁଦ୍ର ଶିଶୁ ଚଳଚ୍ଚିତ୍ର ମହୋତ୍ସବ

ପୁରୀ, ୧୩/୧୨ (ନି.ପ୍ର): ଚଳିତ ମାସ ୧୪ ରୁ ୧୭ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ଅନ୍ତର୍ଜାତିୟ କ୍ଷୁଦ୍ର ଶିଶୁ ଚଳଚ୍ଚିତ୍ର ପ୍ରଦର୍ଶିତ ହେବାର କାର୍ଯ୍ୟକ୍ରମ ରହିଛି । ଏଥିପାଇଁ ଆଜି ସ୍ଥାନୀୟ ୟୁଥ ହଷ୍ଟେଲ ସଭାଗୃହରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହାକୁ ଅଗ୍ରଣୀ ଶିଶୁ ଯନ୍ ଅନୁଷ୍ଠାନ ରସ୍ ପକ୍ଷରୁ ଆୟୋଜିତ କରାଯାଉଛି । ରସର ନିର୍ଦ୍ଦେଶକ ଦେବାଶିଷ ରଥ କହିଲେ, ଭାରତରେ ୪୪ ପ୍ରତିଶତ ଶିଶୁ ରହିଛନ୍ତି । ସେମାନଙ୍କ ସୁରକ୍ଷା ଓ ସଚେତନତା ପାଇଁ ଏହି ଚଳଚ୍ଚିତ୍ର ମହୋତ୍ସବ ଏକ ସୁଯୋଗ ସୃଷ୍ଟି କରିବ । ଦୁଇ ମିନିଟ୍ ରୁ ୩୦ ମିନିଟ ମଧ୍ୟରେ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହେବ । ୪ ଦିନ ଭିତରେ ଦୁଇ ହଜାରରୁ ଉର୍ଦ୍ଧ୍ୱ ଶିଶୁ ଏହି ଚଳଚ୍ଚିତ୍ର ଦେଖିବା ପାଇଁ ବ୍ୟବସ୍ଥା କରାଯାଇଛି । ଚଳଚ୍ଚିତ୍ର ପ୍ରଦର୍ଶିତ ସମୟରେ ଶିଶୁମାନଙ୍କ ସୁରକ୍ଷା, ପାନୀୟଜଳ ଜଳ ଯୋଗାଣ, ଆମ୍ବୁଲାନ୍ସ, ମେଡିକାଲ ଚିକିତ୍ସା ସୁବିଧା ବ୍ୟବସ୍ଥା କରାଯାଇଛି । ୧୪, ୧୫, ୧୬ ତିନି ଦିନ ଦିନ ୧୧ ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶିଶୁ ଚଳଚ୍ଚିତ୍ର ପ୍ରଦର୍ଶିତ ହେବ । ୧୭ ତାରିଖ ଦିନ କୁନି ପିଲାମାନଙ୍କ ଦ୍ୱାରା ଚିତ୍ରାଙ୍କନ ପ୍ରତିଯୋଗିତା ହେବା ସହ ସଂଧାରେ ଛୋଟ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ଜିଲ୍ଲାର ଆଗ୍ରହୀ ସ୍କୁଲର ଛାତ୍ରଛାତ୍ରୀମାନେ ଏହି ଶିଶୁ ଚଳଚ୍ଚିତ୍ର ମାଗଣାରେ ଦେଖିପାରିବେ । ଏହି ସମ୍ବାଦିକ ସମ୍ମିଳନୀରେ ଇ-୨୪ ହସ୍ପିଟାଲର ନିର୍ଦ୍ଦେଶକ ରାଜେଶ ମିଶ୍ର, ସମାଜସେବୀ ଚକ୍ରଧର ମହାପାତ୍ର, ନେହେରୁ ଯୁବ କେନ୍ଦ୍ର ସଂଯୋଜକ ଜୟ ଶଙ୍କର ଯୋଶୀ, ପୂର୍ବତନ ପ୍ରଶାସନିକ ଅଧିକାରୀ ବିନୋଦ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । କ୍ଷୁଦ୍ର ଶିଶୁ ଚଳଚ୍ଚିତ୍ର ମହୋତ୍ସବ କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ତଥା ସାମ୍ବାଦିକ ସଞ୍ଜୀବ ରଥ ଶର୍ମା ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ ।

୧୨ ଚୋରି ବାଇକ୍ ସହ ଅଭିଯୁକ୍ତ ଗିରଫ: ସାହସ ଦେଖେଇଲେ ମହିଳା ଥାନା ଅଧିକାରୀ

ସୁବର୍ଣ୍ଣପୁର, ୧୩/୧୨ (ନି.ପ୍ର): ମହିଳା ଥାନା ଅଧିକାରୀଙ୍କ ନେତୃତ୍ୱରେ ସୋନପୁର ପୋଲିସ୍‌କୁ ଏକ ବଡ ସଫଳତା ମିଳିଛି । ୧୨ ଟି ଚୋରି ବାଇକ ଜବତ ସହ ଏଥିରେ ସମ୍ପୃକ୍ତ ଥିବା ବୌଦ୍ଧ ଜିଲ୍ଲା କଣ୍ଟାମାଳର ଚିତରଞ୍ଜନ ପାଣିଗ୍ରାହୀ (୪୭) ଓରଫ ବାବୁ କୁ ଗିରଫ କରିଛି ସୋନପୁର ପୋଲିସ। ସୁଚନା ଅନୁସାରେ ବୀରମହାରାଜପୁର ଷଣ୍ଢକ୍ଷ ଗ୍ରାମ ର ରାଜ କିଶୋର ଡାଙ୍ଗଙ୍କ ବାଇକ୍ (ଓ ଆର ୩୧-୫୮୮୪) ଗତ ୮ ତାରିଖ ସୋନପୁର ଡେଲି ମାର୍କେଟରୁ ଚୋରି ହୋଇଯାଇଥିଲା। ଏ ସମ୍ପର୍କରେ ସେ ସୋନପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୋନପୁର ପୋଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ପରେ ସୋନପୁର ଭକ୍ଷରପ୍ରକ୍ଷସ୍ତ ଥାନା ଅଧିକାରୀ ପଦ୍ମାସିନି ମେହେରଙ୍କ ନେତୃତ୍ୱ ରେ ଏ ଏସ ଆଇ ପୀୟୁଷ ନାୟକଙ୍କ ସହଯୋଗ ରେ ଅଭିଯୁକ୍ତ ବାବୁ କୁ ଗିରଫ କରି ତା ପାଖରୁ ୧୨ ଗୋଟି ଚୋରି ବାଇକ ଜବତ ହୋଇଥିବା ନେଇ ଅତିରିକ୍ତ ଏସପି ହେମନ୍ତ ପାଢ଼ୀ ସୋନପୁର ଥାନା ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ଚୋରି ବାଇକ ଗୁଡିକ ସୁବର୍ଣ୍ଣପୁର, ବୌଦ୍ଧ, କନ୍ଧମାଳ, ବଲାଙ୍ଗୀର, ବରଗଡ଼, ଅନୁଗୁଳ, ରାଉରକେଲା ଆଦି ଅଂଚଳରୁ ଚୋରି ହୋଇଥିବା ସୂଚନା ଦେଇଛନ୍ତି। ଏହି ବାଇକ ଚୋରି ରାକେଟରେ ଆଉ କିଏ କିଏ ସମ୍ପୃକ୍ତ ଅଛନ୍ତି ଏ ନେଇ ତଦନ୍ତ ଚାଲୁ ରହିଥିବା ଓ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଆଇ ଆଇ ସି ପଦ୍ମାସିନୀ ମେହେର ସୂଚନା ଦେଇଛନ୍ତି।

ବେଇଆନ ଛଟେଇ ପ୍ରତିବାଦରେ ଏସେଲ ମାଇନିଙ୍ଗ କାରଖାନା ଫାଟକ ସମ୍ମୁଖରେ ଆମରଣ ଅନଶନ

ବଲାଣି, ୧୩/୧୨ (ନି.ପ୍ର): ଆଦିତ୍ୟ ବିର୍ଲା ଗ୍ରୁପର ଏସେଲ ମାଇନିଙ୍ଗ ଏଣ୍ଡ ଇଣ୍ଡଷ୍ଟ୍ରିଜ ଲିଃର ବାମେବାରୀ ଥାନା ଅନ୍ତର୍ଗତ ବସନ୍ତପୁର କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ବିଭିନ୍ନ ସମସ୍ୟା ଓ ବେଆଇନ ଛଟେଇ ନେଇ ଶ୍ରମିକମାନେ ପ୍ରତିବାଦ କରିବା ସହ ସୋମବାର ଠାରୁ ଆମରଣ ଅନଶନରେ ବସିଥିବା ଦେଖିବାକୁ ମିଳିଛି । ଅନଶନକାରୀଙ୍କ ସମର୍ଥରେ ଶହ ଶହ ଶ୍ରମିକ ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସିରହିଛନ୍ତି । ଖବରରୁ ଜଣାପଡିଛି ଯେ, ଗତ ଅକ୍ଟୋବର ୨୦ ତାରିଖରେ କାରଖାନା ପରିସରରେ ତ୍ରୁଟିପୂର୍ଣ୍ଣ ସୁରକ୍ଷା ବ୍ୟବସ୍ଥା ଯୋଗୁଁ ଯୋଗୁଁ ଟ୍ରକ ଚକା ତଳେ ଚାପି ହୋଇ ବିଭୀଷଣ ମହାକୁଡ ନାମକ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା ଓ ଏହାର ପ୍ରତିବାଦରେ ସେଠାରେ ଉତ୍ତେଜନା ଦେଖାଦେଇଥିଲା । ସମସ୍ତ ଶ୍ରମିକମାନଙ୍କ ସହ ବାମେବାରୀ ପୁଲିସର ଉପସ୍ଥିତିରେ ଏକ ଚୁକ୍ତିନାମା ସ୍ୱାକ୍ଷର ହେବା ସହ ମୃତ ଶ୍ରମିକ ପରିବାରକୁ ୨୦ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ ଓ ପରିବାରର ଜଣେ ସଦସ୍ୟଙ୍କୁ ନିଯୁକ୍ତି ଦେବା ସହମତି କ୍ରମେ ଚୁକ୍ତିବଦ୍ଧ କରାଯାଇଥିଲା । ଚୁକ୍ତି ମୁତାବକ କମ୍ପାନୀ ୨୦ ଲକ୍ଷ ଟଙ୍କାର ଏକ ଚେକ ମୃତକଙ୍କ ସ୍ତ୍ରୀ ସଙ୍ଗିତା ବେହେରାଙ୍କୁ ପ୍ରଦାନ କରିଥିଲେ । ତେବେ ସଙ୍ଗିତା ବ୍ୟାଙ୍କକୁ ଯାଇ ଏହି ଚେକଟିକୁ ଜମା କରିଥିବା ବେଳେ ଅତି ଚତୁରତାର ସହ କମ୍ପାନୀ ବ୍ୟାଙ୍କରେ ଏହି ଚେକଟିକୁ ଖାରଜ କରିଦେଇଥିଲେ । ଏ ନେଇ ସଙ୍ଗିତା ଗତ ୦୬.୦୧.୨୦୨୩ରେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ । ପରବର୍ତ୍ତୀ ସମୟରେ କମ୍ପାନୀ ପକ୍ଷରୁ ବାମେବାରୀ ଥାନାରେ ଜୋରଜବରଦସ୍ତ ୨୦ ଲକ୍ଷ ଟଙ୍କାର ଏକ ଚେକ ନେଇଯାଇଥିବା ନେଇ ଏକ ମିଥ୍ୟା ମାମଲା ରୁଜୁ କରାଯାଇଥିଲା । ଏହି ମାମଲାକୁ ଆଧାର କରି ୩ ଜଣ ଶ୍ରମିକଙ୍କୁ ପୁଲିସ ଗିରଫ କରି ଜେଲ ପଠାଇ ଦେଇଥିଲା । ପ୍ରାୟ ୨୦ ଦିନ ଜେଲରେ ରହିବା ପରେ ସେମାନେ ଜାମିନରେ ଆସି ନିଜ କାମରେ ଯୋଗଦେଇଥିଲେ । ମାତ୍ର ଗୋଟିଏ ଦିନ କାର୍ଯ୍ୟ କରିବା ପରେ ତାଙ୍କୁ ଗେଟରେ ନଛାଡିବା ପାଇଁ ନୋଟିସ୍ ଜାରି କରାଯାଇଥିଲା । ଶ୍ରମ ଆଇନ ଅନୁଯାୟୀ ଶ୍ରମିକମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ପ୍ରାବଧାନ ଥିବା ବେଳେ ବିନା ନୋଟିସ୍ ରେ ଏହି ଶ୍ରମିକମାନଙ୍କୁ କାର୍ଯ୍ୟରୁ ଅନ୍ତର କରିଦିଆଯାଇଥିଲା । ଧାରଣାରତ ଶ୍ରମିକମାନଙ୍କ ଅଭିଯୋଗ ମୁତାବକ, କମ୍ପାନୀ ୨୦୧୧ ମସିହା ଠାରୁ ଏହି କାରଖାନା ପରିଚାଳନା କରିଆସୁଥିଲେ ମଧ୍ୟ ସ୍ଥାନୀୟ ପ୍ରଭାବିତ ଲୋକଙ୍କୁ ନିଯୁକ୍ତି, ନିୟମ ମୁତାବକ ଶ୍ରମିକମାନଙ୍କୁ ବୋନସ ପୈଠ, ଛୁଟି ପାଉଣା ପ୍ରଦାନ କରିନଥାନ୍ତି । ଯେକୌଣସି ଶ୍ରମିକ ସଂଘର ସଭ୍ୟ ହେବା ପ୍ରତ୍ୟେକ ଶ୍ରମିକର ସାମ୍ବିଧାନିକ ଅଧିକାର ଥିବା ବେଳେ କୌଣସି ଶ୍ରମିକ ସଂଘର ସଭ୍ୟ ନହେବା ପାଇଁ କମ୍ପାନୀ ପକ୍ଷରୁ ଶ

'ଯୁଦ୍ଧ ନୁହେଁ ଶାନ୍ତି ଚାହୁଁ -ପାଲେଷ୍ଟାଇନ୍‌କୁ ମୁକ୍ତ କର' ଶୀର୍ଷକରେ ଆଲୋଚନା ଚକ୍ର

ବାଲେଶ୍ୱର, ୧୩/୧୨ (ନି.ପ୍ର): 'ପାଲେଷ୍ଟାଇନ୍‌କୁ ମୁକ୍ତ କର, ଯୁଦ୍ଧ ନୁହେଁ, ଶାନ୍ତି ଚାହୁଁ, ଇସ୍ରାଏଲ୍‌ର ଆକ୍ରମଣ ବନ୍ଦ କର।' ଦାବିରେ ଆଜି ଅପରାହ୍ନ ୪ଟାରେ ଫାଣ୍ଡିଛକ ଠାରୁ ଏକ ଗଣ ପଟୁଆର ବାହାରି ହୋଟେଲ୍ ଫାଣ୍ଟାସୀ ପାଖରେ ସମବେତ ହୋଇଥିଲା। ଆଜିର ଏହି ଆଲୋଚନା ସଭାରେ କଂଗ୍ରେସର ବାଲେଶ୍ୱର ଜିଲ୍ଲା ସଭାପତି ସଂଜୀବ ଗିରି ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ବାମପନ୍ଥୀ ନେତା ଜନାର୍ଦ୍ଦନ ପତି କହିଥିଲେ ଯେ, ଆଜି ଯେଉଁ ଆମେରିକା ଏବଂ ଇସ୍ରାଏଲ୍ ହାମାସ୍‌କୁ ସନ୍ତ୍ରାସବାଦୀ କହୁଛନ୍ତି ସେମାନେ ଏହି ସଂଗଠନକୁ ପାଲେଷ୍ଟାଇନ୍ ମୁକ୍ତି ସଂଗଠନ ବିରୋଧରେ ଲଢ଼େଇ କରିବା ପାଇଁ ପ୍ରଚେଷ୍ଟା କରୁଛନ୍ତି। ଗାଜାର ଶାସକ ଗୋଷ୍ଠୀ ନିଜର ପିତୃଭୂମିକୁ ରକ୍ଷା କରିବା ପାଇଁ ହାମାସ୍ ଆଜି ଲଢ଼େଇ କରୁଛି। ମିଳିତ ଜାତିସଂଘ ହାମାସ୍‌କୁ ସନ୍ତ୍ରାସବାଦୀ ସଂଗଠନ ବୋଲି ଘୋଷଣା କରିନାହିଁ। ଗାଜାକୁ ଇସ୍ରାଏଲ୍ ଘେରି ରହିଛନ୍ତି। ଗାଜାରେ ବନ୍ଦର ନାହିଁକି ଏୟାରପୋର୍ଟ ମଧ୍ୟ ନାହିଁ। ଗାଜାକୁ ଇଜିପ୍ଟ ଦେଶରୁ ଖାଦ୍ୟ, ପାଣି ଆଣିବାକୁ ପଡୁଛି। ଆମେରିକାର ଅସ୍ତ୍ରଶସ୍ତ୍ର ବିକ୍ରି କରିବା ପାଇଁ ଏ ପ୍ରକାର ଯୁଦ୍ଧ ଲଗାଇ ଚାଲିଛି। ଏହି ସମୟ ମଧ୍ୟରେ ପ୍ରାୟ ୨୦ ହଜାର ପାଲେଷ୍ଟାଇନ୍ ମୃତ୍ୟୁବରଣ କରିଛନ୍ତି। ଶ୍ରୀ ପତି କହିଥିଲେ ଯେ, ଆଜି ଇସ୍ରାଏଲ୍, ଆମେରିକା, ଜର୍ମାନ୍, ଫ୍ରାନ୍ସ ଏବଂ ଇଂଲଣ୍ଡରେ ଲକ୍ଷଲକ୍ଷ ଲୋକ ପାଲେଷ୍ଟାଇନ୍ ସପକ୍ଷରେ ବିଶାଳ ବିଶାଳ ସମାବେଶ କରୁଛନ୍ତି। ଆମ ଦେଶର ବୈଦିଶିକ ନୀତି ଗୋଷ୍ଠୀ ନିରପେକ୍ଷ ଥିଲା ଏବଂ ପାଲେଷ୍ଟାଇନ୍‌କୁ ଏକ ରାଷ୍ଟ୍ର ଭାବେ ଘୋଷଣା ସପକ୍ଷରେ ଥିଲା। କିନ୍ତୁ ମୋଦୀଙ୍କ ନେତୃତ୍ୱରେ ସରକାର ଆସିଲା ପରେ କେନ୍ଦ୍ର ସରକାର ଆମେରିକାର ସପକ୍ଷବାଦୀ ହୋଇଛି। ମୋଦୀ ଏବେ ନେତନ୍ୟାହୁ ଏବଂ ବାଇଡେନ୍‌ଙ୍କର ବନ୍ଧୁ ସାଜିଛନ୍ତି। ଶ୍ରୀ ପତି ଆହୁରି କହିଥିଲେ ଯେ, ଏବେ ଉଚ୍ଚ ନ୍ୟାୟାଳୟ ଓ ରାଷ୍ଟ୍ରପତି ଗୋଟିଏ ରାଜ୍ୟକୁ ଭାଙ୍ଗି ଦେଇ ପାରିବା ଅଧିକାରକୁ ଗ୍ରହଣ କରିବା ଦେଶର ସଂଘୀୟ ବ୍ୟବସ୍ଥା ପ୍ରତି ଏକ ଶକ୍ତ ଆଘାତ ଦେଇଛି। ହିଟଲର ଏବଂ ମୁସୋଲିନିଙ୍କ ସମୟରେ ୟୁରୋପୀୟ ଦେଶରେ ଫାସୀବାଦ ମୁଣ୍ଡ ଟେକିଥିଲା। ଆଜି ମଧ୍ୟ ଏହି ଶକ୍ତିର ଅଭ୍ୟୁଦୟ ଘଟିଛି। ଜାତିସଂଘର ଯୁଦ୍ଧ ବନ୍ଦ କରିବା ପାଇଁ ପ୍ରସ୍ତାବକୁ କେହି ଶୁଣୁ ନାହାନ୍ତି। ମାନବ ଜାତି ପ୍ରତି ଏହା ଏକ ବିପଦ ସୃଷ୍ଟି କରିଛି। ଏହା ବିରୋଧରେ ମିଳିତ ଅଭିଯାନ ଚଳାଇ ରଖିବାକୁ ହେବ ବୋଲି ଶ୍ରୀ ପତି ଆହ୍ୱାନ ଦେଇଥିଲେ। ଏହି ସଭାରେ ଅନ୍ୟତମ ବକ୍ତା ଭାବେ ସି.ପି.ଆଇ. ଜିଲ୍ଲା ସହ ସଂପାଦକ ଭାଗବତ ପ୍ରତିହାରୀ ମଧ୍ୟ ଇସ୍ରାଏଲ୍ ଏହି ଆକ୍ରମଣକୁ ଦୃଢ଼ ନିନ୍ଦା କରିବା ସହିତ ମିଥ୍ୟା ପ୍ରଚାର ବିରୁଦ୍ଧରେ ବ୍ୟାପକ ପ୍ରଚାର ଅଭିଯାନର ଆବଶ୍ୟକ ରହିଛି। କଂଗ୍ରେସ ମହିଳା ସଂଗଠନର ଜିଲ୍ଲା ସଭାନେତ୍ରୀ ପ୍ରଜ୍ଞା ପରମିତା ବିଶ୍ୱାଳ ମଧ୍ୟ ବକ୍ତବ୍ୟ ରଖିଥିଲେ। ଟି.ଏମ୍.ସି. ନେତା ନନ୍ଦନ ପାଲ୍ ମଞ୍ଚ ଆହ୍ୱାନ କରିଥିବା ବେଳେ ଆଜିର ଆଲୋଚନା ସଭାର ପ୍ରାରମ୍ଭିକ ସୂଚନା ଦେଇଥିଲେ। ଶେଷରେ ବରିଷ୍ଠ ଶ୍ରମିକ ନେତା ଗୌରାଙ୍ଗ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଆଜିର ଏହି ଆଲୋଚନା ସଭାକୁ ସଫଳ କରିବାରେ ପ୍ରେମ ରଂଜନ ପାତ୍ର, ସିତାଂଶୁ ସେନାପତି, ବିଜୟ ପାତ୍ର, ଶ୍ୟାମସୁନ୍ଦର ଜେନା, ବନ୍ଦନା ପାତ୍ର, ଦିପ୍ତିମାନ ଆଚାର୍ଯ୍ୟ, ଅରୁଣ ଜେନା, ଅକ୍ଷୟ ମଲ୍ଲିକ ଓ ଜତିନ୍ ପାତ୍ର ପ୍ରମୁଖ ସହାୟତା କରିଥିଲେ।

ନୂଆ ଓଡିଶା ନବୀନ ଓଡିଶାର ସାଂସ୍କୃତିକ କାର୍ଯ୍ୟକ୍ରମ

କନ୍ଧମାଳ, ୧୩/୧୨ (ନି.ପ୍ର): କନ୍ଧମାଳ ଜିଲ୍ଲା ଟିକାବାଲି ଏ. ଏମ. ସି. ଏସ ମହାବିଦ୍ୟାଳୟ ରେ ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତିଙ୍କ ସଭାପତିତ୍ୱରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି, ମୁଖ୍ୟ ଅତିଥିଭାବେ ଟିକାବାଲି ପଂଚାୟତ ସମିତି ଅଧ୍ୟକ୍ଷ ଦିଲ୍ଲୀପ କଂହର ଯୋଗଦେଇ ନୂଆ ଓଡିଶା, ନବୀନ ଓଡିଶାର ସ୍ୱପ୍ନକୁ ସମସ୍ତେ ସାକାର କରିବା ବୋଲି ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଟିକାବାଲି ଥାନା ସବିନସିପେକ୍ଟର ସଞ୍ଜୟ କୁମାର ସ୍ୱାଇଁ, ସମିତି ସଭ୍ୟ ମନୋଜ ଦଳବେହେରା, ଅଧ୍ୟାପକ ବିଷ୍ଣୁପ୍ରସାଦ ରଥ, ଅମୂଲ୍ୟ ସାବତ ଯୋଗ ଦେଇଥିଲେ। ନୋଡାଲ ଅଫିସର ଅଧ୍ୟାପକ ରତନ ଦିଗାଲ, ଜ୍ଞାନ ରଞ୍ଜନ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀ ଦଳଗତ,ଓ ଏକକ ନୃତ୍ୟ ପରିବେଷଣ କରିବାସଙ୍ଗେ ସଙ୍ଗେ ସୁନ୍ଦରୀ ପ୍ରତିଯୋଗିତା ହୋଇଥିଲା, ଅଧ୍ୟାପକ ଗିଦ୍ୟାନ ଦିଗାଲ ଓ ସୁମନ ସାହୁ ସଂଯୋଜନା କରିଥିଲେ। ବିଚାରକ ଭାବେ ଅଧ୍ୟାପକ ବିକାଶ ମୁଖି, ଅଧ୍ୟାପିକା ନିବେଦିତା ଭୋଇ, ସଂଘମିତ୍ରା ଦାସ, ସ୍ମିତାରାଣୀ ସାହୁ, ମୀରାମ୍ବିକା କାର୍ଯ୍ୟ କରିଥିଲେ। ଛାତ୍ର ରୁଦ୍ର, ସୋମନାଥ,ଅଶ୍ୱିନୀ, ଛାତ୍ରୀ ଜ୍ୟୋତି, ଅଞ୍ଜଳିଙ୍କ ସମେତ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ କର୍ମଚାରୀ ସହଯୋଗ କରିଥିଲେ।

ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ଓ ବିଦ୍ୟାଳୟସ୍ତରରୁ ବୈଜ୍ଞାନିକ ସୃଷ୍ଟି କରିବାର ପ୍ରାରମ୍ଭିକ ପ୍ରୟାସ

ଖୋର୍ଦ୍ଧା, ୧୩/୧୨ (ନି.ପ୍ର): ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ଖୋର୍ଦ୍ଧା ପୌର ପରିଷଦର ଅଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ପୌରପରିଷଦ ଉପାଧ୍ୟକ୍ଷ ସୌର୍ଯ୍ୟ ରଂଜନ ମହାନ୍ତି , ଜିଲ୍ଲା କୃଷି ଅଧିକାରୀ ଶରତ କୁମାର ପରିଡ଼ା, ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସ୍ମିତା ମିଶ୍ର, ଖୋର୍ଦ୍ଧା ବ୍ଲକ ଶିକ୍ଷା ଅଧିକାରୀ ସଂଧାରାଣୀ ରାଉତ, ପ୍ରଧାନ ଶିକ୍ଷକ ପ୍ରଭାକର ସାହୁ ଓ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ସରୋଜ କୁମାର ସିଂ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ । ଜିଲ୍ଲାର ୧୦ଟି ବ୍ଲକରୁ ୫ଟି ବିଭାଗରେ ମୋଟ ୫୦ଟି ପ୍ରକଳ୍ପ ଏହି ପ୍ରଦର୍ଶନୀରେ ସ୍ଥାନ ପାଇଥିଲା । ସମସ୍ତ ପ୍ରକଳ୍ପ ଗୁଡ଼ିକୁ ବିଚାରକମାନେ ମୂଲ୍ୟାୟନ କରିଥିବା ବେଳେ ବିଜ୍ଞାନ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ନେଇ ମିଲେଟ୍ ସମ୍ବନ୍ଧରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା ଏବଂ ଛାତ୍ରଛାତ୍ରୀମାନଙ୍କୁ ନେଇ ବିଜ୍ଞାନ ସମ୍ବଳିତ ଏକ କୁଇଜ୍ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା।

ଦ୍ୱିତୀୟ ଅଧିବେଶନ ତଥା ଉଦ୍ୟାପନୀ ଉତ୍ସବରେ ଅତିରିକ୍ତ ଶିକ୍ଷା ଅଧିକାରୀ ସ୍ମିତା ମିଶ୍ରଙ୍କ ଅଧ୍ୟକ୍ଷତାରେ ଖୋର୍ଦ୍ଧା ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୂପସିଂରାଣୀ ଗୁମାନସିଂହ ମୁଖ୍ୟ ଅତିଥି, ନାଇଜର ପ୍ରଫେସର୍ ଶୁଭଙ୍କର ବେଦାନ୍ତ ମୁଖ୍ୟବକ୍ତା ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଅମ୍ରିତା ପ୍ରୀତିନନ୍ଦା ସମ୍ମାନିତ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ବିଜ୍ଞାନ ସମ୍ବନ୍ଧରେ ବିଭିନ୍ନ ଉପାଦେୟ ବାର୍ତା ଦେବା ସହିତ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ । ହେଲଥ୍ ସବଥିମ୍ରେ ରୂପାରି ମଙ୍ଗରାଜ ଗଡ଼ମଳିପଡ଼ା ଭୁବନେଶ୍ୱର ପ୍ରଥମ, ବାଳକାଟି ପ୍ରତାପ ଶାସନ ବାଳିକା ବିଦ୍ୟାଳୟ ର ଶ୍ରଦ୍ଧା ସରିତା ସାହୁ ଦ୍ୱିତୀୟ ଓ ତୁଳସୀପୁର ଭଗବତୀ ଉଚ୍ଚ ବିଦ୍ୟାଳୟ ର ସନ୍ଦୀପ୍ ଶୁଭଦର୍ଶିନୀ ତୃତୀୟସ୍ଥାନ ଅଧିକାର କରିଥିଲେ । ସେହିପରି ଲାଇଫ୍ ସବ୍ମିରେ ରୋହନ ଲାଲ ମହାନ୍ତି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତମାଣ୍ଡୋ ପ୍ରଥମ ଓ ସ୍ୱରୂପ ନାୟକ ଓ.ଏ.ଭି ବୋଲଗଡ଼ ଦ୍ୱିତୀୟ ଓ ବିଦ୍ୟୁସ୍ମିତା ଘଡ଼େଇ ବାଛରା ଉଚ୍ଚ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲେ । କୃଷି ବିଭାଗରେ ଆଦିତ୍ୟ ପ୍ରସାଦ ପାଢ଼ୀ ବି.ଜେ.ଏମ୍ ସ୍କୁଲ ଭୁବନେଶ୍ୱର ପ୍ରଥମ ଏବଂ ସୁଦୀପା ପ୍ରିୟଦର୍ଶିନୀ ରେନବୋ ଇଁଟରନ୍ୟାସନାଲ ସ୍କୁଲ ଦ୍ୱିତୀୟ, ଅର୍ପିତା ପଟ୍ଟନାୟକ,ଓ.ଏ.ଭି ବୋଲଗଡ଼ ତୃତୀୟସ୍ଥାନ ଅଧିକାର କରିଥିଲେ ।କମୁନିକେସନ୍ ଓ ଟ୍ରାନ୍ସପୋର୍ଟରେ ବିଶ୍ୱ ବନ୍ଦିତା ରାଉତବର୍ମା ଭଗବତୀ ଉଚ୍ଚ ବିଦ୍ୟାଳୟ ଗୋଳବାଇ, ପ୍ରଥମ, ଅର୍ପିତା ରାଉତରାୟ ନୀଳକଣ୍ଠ ଉଚ୍ଚ ବିଦ୍ୟାଳୟ ନନ୍ଦୁଟ ଦ୍ୱିତୀୟ, ସୌମ୍ୟରଞ୍ଜନ ସାହୁ, ସାଗରଗାଁ ଉଚ୍ଚ ବିଦ୍ୟାଳୟ ତୃତୀୟସ୍ଥାନ ଅଧିକାର କରିଥିଲେ । କମ୍ୟୁଟେସନାଲ ଥିକିଙ୍ଗ୍ରେ ତନିରିକା ପଣ୍ଡା ରେନବୋ ଇଁଟରନ୍ୟାସନାଲ ସ୍କୁଲ ପ୍ରଥମ, ଶେକ୍ ଆରସାଦ ଜନତା ହାଇସ୍କୁଲ କୁହୁଡ଼ି ଦ୍ୱିତୀୟ, ସଂଗ୍ରାମ ସାମନ୍ତରାୟ ବିଜେବି ଉଚ୍ଚ ବିଦ୍ୟାଳୟ ଖୋର୍ଦ୍ଧା ତୃତୀୟସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି । ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତ୍ୟେକ ବିଭାଗର ପ୍ରତିଯୋଗୀମାନେ ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି । ଏବଂ ବିଜ୍ଞାନ କୁଇଜ୍ରେ ବରିଷ୍ଠ ବିଭାଗରେ ରୁଦ୍ର ପ୍ରକାଶ ଦାସ, ପିୟୁସ୍ କୁମାର ବେହେରା, ଅଦ୍ୟାଶା ପ୍ରିୟଦର୍ଶିନୀ ଓ କନିଷ୍ଠ ବିଭାଗରେ ଶୁଭ୍ରସ୍ମିତା ସାମନ୍ତରାୟ, ତନରିକା ପଣ୍ଡା, ରୋହନ୍ ଲାଲ ମହାନ୍ତି, ପ୍ରଥମ ,ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇ ଟ୍ରଫି ଓ ପ୍ରମାଣପତ୍ର ପାଇଛନ୍ତି ।

ଏହି କାର୍ଯ୍ୟକ୍ରମକୁ ବିଜେବି ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଅଞ୍ଜନ କୁମାର ରାୟ , ନବ କିଶୋର ମିଶ୍ର, ତୋଫାନ୍ କୁମାର ରାଉତରାୟ, ଚିନ୍ମୟୀ ମାର୍ଥା, ନିରଞ୍ଜନ ସାହୁ, ବିଚିତ୍ରାନନ୍ଦ ମହାନ୍ତି, ଅଗାଧୁ ସେଠୀ,ଗଣେଶ୍ୱର ମିଶ୍ର, ଓଷ୍ଟା ଜିଲ୍ଲା ସମ୍ପାଦକ ସୁଧାକର ମହାପାତ୍ର, ଓଷ୍ଟା ବ୍ଲକ ସଭାପତି ଶରତ କୁମାର ରାଉତ, ଓ ସି.ଆର.ସି.ସି ରବି ନାରାୟଣ ପଣ୍ଡା, ବରିଷ୍ଠ ଶିକ୍ଷକ ସୁରେଶ କୁମାର ବିଶ୍ୱାଳ ପ୍ରମୁଖ ଅଂଶଗ୍ରହଣ ସହଯୋଗ କରିଥିଲେ । ବିଜେବି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଭାକର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଦେବ ଦୀପାବଳିରେ ରାମ ମନ୍ଦିରଠାରେ ଜଳିଲା ୫୦୦୦ ଦୀପ

ଭୁବନେଶ୍ୱର, ୧୩/୧୨ (ନି.ପ୍ର): ପବିତ୍ର ଦେବ ଦୀପାବଳୀ ଉପଲକ୍ଷେ ବୁଧବାର ଭୁବନେଶ୍ୱର ଶ୍ରୀରାମ ମନ୍ଦିରଠାରେ ବିଶ୍ୱର ପ୍ରତ୍ୟେକ ପ୍ରାଣୀର କଲ୍ୟାଣ ପାଇଁ ଓ ବିଶ୍ୱଶାନ୍ତି ପାଇଁ ପାଂଚ ହଜାର ଘିଅଦୀପ ପ୍ରଜ୍ୱଳିତ କରାଯାଇଛି । ହାପି ଲିଭିଙ୍ଗ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ରାଜ୍ୟ ପରିବହନ ନିଗମର ଅଧ୍ୟକ୍ଷ ଅମିତାଭ ଠାକୁର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସନ୍ଥ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ କହିଲେ ଯେ, ଆମ ସଂସ୍କୃତି ଓ ପରମ୍ପରାରେ ଶ୍ରୀମନ୍ଦିର ଓ ଶ୍ରୀ ଜଗନ୍ନାଥଙ୍କୁ ସମସ୍ତ କାର୍ଯ୍ୟରେ ସମ୍ପୃକ୍ତ କରାଯାଇଛି । ଦେବ ଦୀପାବଳୀ ଉତ୍ସବ ୩ ଦିନ ଧରି ଶ୍ରୀମନ୍ଦିରରେ ପାଳନ କରାଯାଇଥାଏ । ମାର୍ଗଶିର ମାସ କୃଷ୍ଣ ଚତୁର୍ଦ୍ଦଶୀ, ଅମାବାସ୍ୟା ଓ ଶୁକ୍ଳ ପ୍ରତିପଦା ତିନିଦିନ ଧରି ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରାଦ୍ଧ ବେଶ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି । ଚତୁର୍ଦ୍ଦଶୀ ଦିନ ମା, ଅଦିତି ଓ କଶ୍ୟପଙ୍କ ପ୍ରତି ପ୍ରଦୀପ ଉତ୍ସର୍ଗ କରାଯାଉଥିବା ବେଳେ ଆଜି ଅମାବାସ୍ୟାରେ ଦଶରଥ, କୌଶଲ୍ୟା ଓ ଶୁକ୍ଳ, ପ୍ରତିପଦାରେ ନନ୍ଦ, ଯଶୋଦା, ଦେବକୀ, ବାସୁଦେବ ଓ ଇନ୍ଦ୍ରଦ୍ୟୁମ୍ନ ଗୁଣ୍ଡିଚା ମା'ଙ୍କ ପ୍ରତି ପ୍ରଦୀପ ଉତ୍ସର୍ଗ କରାଯିବାର ପରମ୍ପରା ଚଳି ଆସୁଛି । ଅନୁଷ୍ଠାନର ଅଧ୍ୟକ୍ଷ ଡଃ ମନୋଜ ଲେଙ୍କା ସ୍ୱାଗତ ଭାଷଣରେ କହିଲେ ଯେ, ଏହି ପବିତ୍ର କାର୍ଯ୍ୟକ୍ରମକୁ ସ୍ମରଣ କରି ଗତ ୬ ବର୍ଷ ହେବ ହାପି ଲିଭିଙ୍ଗ ଫାଉଣ୍ଡେସନ ପକ୍ଷରୁ ବିଶ୍ୱଶାନ୍ତି ପାଇଁ ତଥା ବିଶ୍ୱର ପ୍ରତ୍ୟେକ ପ୍ରାଣୀର କଲ୍ୟାଣ ପାଇଁ ଦୀପ ଦାନ କରାଯାଇ ଆସୁଅଛି । ଏହି କାର୍ଯ୍ୟକ୍ରମରେ ମାଳିକା ପ୍ରବଚକ ଦିବାକର ଦାସ ମହାରାଜ, ଶିଶୁ ପ୍ରବଚକ କେଶବ ଦାସ, ଚଳଚ୍ଚିତ୍ର ଅଭିନେତା ବବି ମିଶ୍ର, ପ୍ରତିଭା ପଣ୍ଡା, ଅଶ୍ରୁମୋଚନ ମହାନ୍ତି, ଆଡ଼ଭୋକେଟ ବନ ମହାନ୍ତି, ଏବଂ ଲୋପାମୁଦ୍ରା ଜେନା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଭାଗ ନେଇଥିବା ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । କାର୍ଯ୍ୟକ୍ରମକୁ ବିଶିଷ୍ଟ ସମାଜସେବୀ ଶ୍ରୀ ମନୋଜ ପାଳ ସଂଯୋଜନା କରିଥିଲେ ।

ପଠାଣି ସାମନ୍ତଙ୍କ ୧୮୯ତମ ଜୟନ୍ତୀ ପାଳିତ

ଭୁବନେଶ୍ୱର, ୧୩/୧୨ (ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପୂଜ୍ୟପୂଜା ସମ୍ପାଦନ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଓଡ଼ିଶାର ବିଶିଷ୍ଟ ଜ୍ୟୋତିର୍ବିଜ୍ଞାନୀ ମହାକାଶ ଗବେଷକ ଚନ୍ଦ୍ରଶେଖର ସିଂ ସାମନ୍ତ ହରିଚନ୍ଦନ ମହାପାତ୍ର (ପଠାଣି ସାମନ୍ତ)ଙ୍କ ୧୮୯ତମ ଜୟନ୍ତୀ ପାଳିତ ହୋଇଯାଇଛି । ବୁଧବାର ପ୍ରତ୍ୟୁଷରେ ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟୋରିୟମ୍ ପରିସରସ୍ଥ ତାଙ୍କ ପ୍ରତିମୂର୍ତିସ୍ଥଳୀରେ ପୁଷ୍ପମାଲ୍ୟ ଅର୍ପଣପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଫୁଲ୍ଲ ସାମଲ, ସମାଜସେବୀ ପ୍ରବୀର ମହାନ୍ତି, ଜୟ ଓଡ଼ିଶା ଅଧ୍ୟକ୍ଷ ରୁଦ୍ରନାରାୟଣ ସାମନ୍ତରାୟ, ଗିରିଜା ଶଙ୍କର ମହାପାତ୍ର, ପ୍ରାଧ୍ୟାପକ ଡ. ଗଙ୍ଗାଧର ସାହୁ, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଅଶ୍ୱିନୀ ପଟ୍ଟନାୟକ, ବନଜା ବେହେରା, ସୁଜାତା ଜେନା, ସତ୍ୟବ୍ରତ ଜେନା, ଅମିତ ପାତାଳସିଂହ, ଡ. ଜୟଦେବ କର ପ୍ରମୁଖ ଯୋଗଦେଇ ପଠାଣି ସାମନ୍ତଙ୍କ ସ୍ମୃତିଚାରଣ କରିଥିଲେ । ବକ୍ତାମାନେ ନିଜ ବକ୍ତବ୍ୟରେ କହିଥିଲେ ଯେ ଖଣ୍ଡପଡ଼ା ଗଡ଼ଜାତର ରାଜବଂଶରେ ଜନ୍ମିତ ପଠାଣି ସାମନ୍ତ ପିଲାଦିନରୁ ଗ୍ରହନକ୍ଷତ୍ରର ସ୍ଥିତିକୁ ନିରୀକ୍ଷଣ କରି ସେମାନଙ୍କ ଗତିବିଧି ଉପରେ ଗବେଷଣା କରିଥିଲେ। ସେହି ଗବେଷଣାରୁ ଲବ୍ଧ ତଥ୍ୟ ଆଧାରରେ ଗବେଷଣାତ୍ମକ ପୁସ୍ତକ 'ସିଦ୍ଧାନ୍ତ ଦର୍ପଣ' ରଚନା କରିଥିଲେ। କେବଳ ଜଣେ ଜ୍ୟୋତିର୍ବିଜ୍ଞାନୀ ନୁହେଁ, ଜଣେ ମହାକାଶ ବିଜ୍ଞାନୀ ଭାବରେ ତାଙ୍କର ସ୍ୱତନ୍ତ୍ର ପରିଚୟ ରହିଥିଲା। ବ୍ରିଟିଶ ସରକାର ତାଙ୍କୁ ମହାମହୋପଧ୍ୟାୟ ଉପାଧିରେ ଭୂଷିତ କରିଥିଲେ।

ବାଲିଆ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପଥପ୍ରାନ୍ତ ନାଟକ

କେନ୍ଦ୍ରାପଡ଼ା, ୧୩/୧୨ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବାଲିଆ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ସାମାଜିକ ଜନ ସଚେତନତା କାର୍ଯ୍ୟକ୍ରମ "ବାଲ୍ୟ ବିବାହ ବିରୋଧ"କୁ ନେଇ ଏକ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇ ଯାଇଛି । ସେହିଭଳି ଛାତ୍ରୀମାନଙ୍କ ଦ୍ୱାରା ପଥପ୍ରାନ୍ତ ସଭା ମାଧ୍ୟମରେ ଲୋକମାନଙ୍କୁ ନିଶା ନିବାରଣ, ପଲିଥିନ ଓ ପ୍ଲାଷ୍ଟିକ ମୁକ୍ତ ପରିବେଶ ସୃଷ୍ଟି କରିବା ପାଇଁ ସଚେତନ କରାଯାଇ ଥିଲା । ଜନସାଧାରଣମାନଙ୍କ ସହିତ ସ୍ଥାନୀୟ ଅଧିକାରୀମାନେ ଏହାକୁ ବେଶ୍ ପ୍ରଶଂସା କରିଥିଲେ। ଅଧ୍ୟକ୍ଷା ପଦ୍ମାଳୟା ଦାଶଙ୍କ ପୌରହିତରେ ଆୟୋଜିତ ଏହି କା

ଗୁରୁବାର, ଡିସେମ୍ବର ୧୪, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ଓଡ଼ଗାଁ ବ୍ଲକ୍ ପାଇଁ ଗୌରବ ସାଜିଲେ ତମନ୍ନା ଓ ନୀଲମ୍

ଓଡ଼ଗାଁ,୧୩/୧୨(ନି.ପ୍ର): ଗତ ୧୧ ଓ ୧୨ ତାରିଖ ଦୁଇ ଦିନ ଧରି ନୟାଗଡ଼ ବ୍ରଜେନ୍ଦ୍ର ହାଇସ୍କୁଲ ପରିସରରେ ୩୩ତମ ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଓ ବିଜ୍ଞାନ ସେମିନାର୍ ଅନୁଷ୍ଠିତ ହୋଇଥିଲା ।ଉକ୍ତ ପ୍ରଦର୍ଶନୀରେ ଜୁନିୟର ବିଭାଗରେ ସରକାରୀ ଉ.ପ୍ରା.ବିଦ୍ୟାଳୟ,ଦଣ୍ଡୋରର ଚତୁର୍ଥଶ୍ରେଣୀ ଛାତ୍ରୀ ତମନ୍ନା ପଟ୍ଟନାୟକ ଦ୍ୱିତୀୟ ସ୍ଥାନ ହାସଲ କରିଥିବାବେଳେ ବିଜ୍ଞାନ ସେମିନାରରେ ଓଡ଼ଗାଁ ଆଖୁପଦରସ୍ଥିତ ଆଦର୍ଶ ବିଦ୍ୟାଳୟର ଷଷ୍ଠଶ୍ରେଣୀ ଛାତ୍ରୀ ନୀଲମ୍ ପ୍ରିୟଦର୍ଶିନୀ ତ ?ତୀୟ ସ୍ଥାନ ହାସଲ କରି ସମଗ୍ର ଜିଲ୍ଲା ତଥା ଓଡ଼ଗାଁ ବ୍ଲକ୍ ପାଇଁ ଗୌରବ ଆଣିଛନ୍ତି ।ନୀଲମ୍ ମାଣ୍ଡିଆର ପୌଷ୍ଟିକତା ଓ ଏହାର ଗୁରୁତ୍ୱ ସମ୍ପର୍କରେ ଚମତ୍କାର ଉପସ୍ଥାପନା କରିଥିବା ସହ ତମନ୍ନାଙ୍କ ପ୍ରକଳ୍ପ 'ବିନା ବିଜୁଳିରେ ଜଳସେଚନ' ଦର୍ଶକମାନଙ୍କ ମନ ମୋହିଥିଲା ।ଉଭୟଙ୍କ ଏହି ସଫଳତା ପାଇଁ ଓଡ଼ଗାଁ ବ୍ଲକ୍ ଶିକ୍ଷାଧିକାରୀ ଗୀତାଞ୍ଜଳି ସାହୁ,ଅତିରିକ୍ତ ଶିକ୍ଷାଧିକାରୀ କମଳିନୀ ବେହେରା, ରବୀନ୍ଦ୍ର କୁମାର ନାୟକ, ସମସ୍ତ ସିଆରସିସି,ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଜ୍ୟୋତିରଞ୍ଜନ ମିଶ୍ର, ସମ୍ପାଦକ ଭକ୍ତରଞ୍ଜନ ମିଶ୍ର, ଓଡ଼ଗାଁ ଏନପିଏସ୍ ସଂଘ ସଭାପତି ନରେଶ ପାଣିଗ୍ରାହୀ, ସମ୍ପାଦକ ସୁକାନ୍ତ କୁମାର ସାହୁ, ପ୍ରକୃତିବନ୍ଧୁ ରଞ୍ଜନ କୁମାର ଦାଶ,ଶିକ୍ଷକ ଭାବଗ୍ରାହୀ ମହାପାତ୍ର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।

ଡାହାଣୀ ହତ୍ୟା ନିଷେଧ ସଚେତନତା କର୍ମଶାଳା

ଭଦ୍ରକ , ୧୩/୧୨ (ନି.ପ୍ର): ସମାଜରେ ମହିଳାମାନେ ସାମ୍ନା କରୁଥିବା ହିଂସା, ନିର୍ଯ୍ୟାତନା ମଧ୍ୟରୁ ଡାଆଣୀ ସନ୍ଦେହରେ ହତ୍ୟା, ନିର୍ଯ୍ୟାତନା ଏକ ସାଂଘାତିକ ଓ ମହିଳା ବିରୋଧୀ ହିଂସା ଘଟଣା । ଏଥିରେ ଶିକାର ହେଉଥିବା ବ୍ୟକ୍ତିଙ୍କ ସୁରକ୍ଷା, କୁତ୍ସିତ ଡାହାଣୀ ପ୍ରଥାର ନିଷେଧ, ନିରାକରଣ ପାଇଁ ସଚେତନତା ଉଦ୍ଦେଶ୍ୟରେ ଜିଲ୍ଲାକାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଣୀ ପୁଷ୍ପଲତା ପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଡାଆଣୀ ପ୍ରଥାର କୁ ପ୍ରଭାବ ଓ ଏହିକୁ ପ୍ରଥାର ବିଲୋପ ପାଇଁ ସଚେତନତାର ଆବଶ୍ୟକତା ସମ୍ବନ୍ଧରେ ଆଲୋକପାତ କରିଥିଲେ । ଅନ୍ୟତମ ଅତିଥି ତଥା ଆଲୋଚକ ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଏ.ଡ଼ି.ପି.ଏଚ୍.ଓ. ଡା. ଭାରତୀ ରାଉତ, ଡି,ଏସ୍.ପି. ପୁଷ୍ପଲତା ବାରିକ୍ ଏହି କର୍ମଶାଳାରେ ଯୋଗ ଦେଇଥିଲେ । ମହିଳା ସୁରକ୍ଷା ଅଧିକାରୀ ଚନ୍ଦ୍ରା ସାହୁ ମଞ୍ଚ ପରିଚାଳନା କରିଥିଲେ । ବିଶିଷ୍ଟ ସମାଜସେବୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଫେଲୋସିପ୍‌ର ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି ରିସୋର୍ସ ପର୍ସନ ଭାବେ ଡାଆଣୀ କାହାକୁ କୁହାଯିବ, ଡାଆଣୀ ପ୍ରଥାର ଇତିହାସ, ଏହାର କୁପରିଣାମ, ଏହି କୁତ୍ସିତ ପ୍ରଥାର ବିଲୋପ ପାଇଁ ସରକାରୀ ସ୍ତରରେ ୨୦୧୩ରୁ ପ୍ରଣୀତ ଆଇନ୍‌ର ବିଭିନ୍ନ ଦିଗ, ଆମ ଦେଶର ଅନ୍ୟ ରାଜ୍ୟମାନଙ୍କରେ ଘଟିଥିବା ଏହି ଡାଆଣୀ ହତ୍ୟା ଘଟଣାର ତୁଳନାତ୍ମକ ସଂଖ୍ୟା, ଏଥିରୁ ସମାଜକୁ ମୁକ୍ତ କରିବା ପାଇଁ ସଚେତନତା ବୃଦ୍ଧି ଦିଗରେ ଆମ ସମସ୍ତଙ୍କର କର୍ତ୍ତବ୍ୟ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ । ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ଜିଲ୍ଲାର ସମସ୍ତ ସି.ଡ଼ି.ପି.ଓ., ସଂପୃକ୍ତ ବିଭାଗୀୟ ଅଧିକାରୀ, କର୍ମଚାରୀବୃନ୍ଦ ଏହି କର୍ମଶାଳାରେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରି ମତାମତ ରଖିଥିଲେ ।

ରୂପ୍‌ସାରେ ବିକଶିତ ଭାରତ ସଂକଳ୍ପ ଯାତ୍ରା ଅନୁଷ୍ଠିତ

ବସ୍ତା, ୧୩/୧୨ (ନି.ପ୍ର): ସଦର ବ୍ଲକର ରୂପସା ସାମିଲ ହସନପୁର ପଞ୍ଚାୟତ ଅନ୍ତର୍ଗତ ପାଟପୁର ବଜାରରେ ବୁଧବାର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କ ବିକଶିତ ଭାରତ ସଂକଳ୍ପ ଯାତ୍ର ୨୦୨୩ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ର ସରକାରଙ୍କ ସମସ୍ତ ଜନହିତକର ଯୋଜନା ଓ ବିକାଶର ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇବା ପାଇଁ ବିକଶିତ ରଥ ପ୍ରତି ପଞ୍ଚାୟତ ପରିକ୍ରମା କରି ଏଲଇଡି ମାଧ୍ୟମରେ ଘରେ ଘରେ ପାଇଖାନା, ଉଜଳା ଗ୍ୟାସ,ପିଏମ କିଷାନ,ଧାନର ମାନ, ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ସମ୍ପର୍କରେ ଭିଡିଓ ପ୍ରଦର୍ଶିତ ହୋଇଥିଲା । ଏଥି ସହ କୃଷି ଏବଂ କୃଷକ, କୃଷିର କିପରି ଜୈବିକ ସାର ବ୍ୟବହାର କରି ଉନ୍ନତ ମାନର ଚାଷ କରିପାରିବେ ଏବଂ ଗରୁଡ଼ । ଡ୍ରୋନ ମେସିନ ଦ୍ୱାରା କୀଟ ନାଶକ ଔଷଧର ବ୍ୟବହାର କରି ସବସିଡି ଟଙ୍କା ଉଠାଇ ହିତାଧିକାରୀ କେମିତି ବେନିଫିଟ ପାଇବେ ତାହା ମଧ୍ୟ ଅବଗତ କରାଯାଇଥିଲା । କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ,ଭାଜପା ନେତା ମାନସ କୁମାର ଦତ୍ତ,ଏମପି ପ୍ରତିନିଧି ଶୁଭେଶ କୁମାର ନାୟକ,ସରପଞ୍ଚ ମାଳତୀ ପ୍ରଧାନ,ବରିଷ୍ଠ ନେତା ଶୁଭଙ୍କର ମହାପାତ୍ର, ଜଳଧର ପରିଡା,ହରେନ୍ଦ୍ର କୁମାର ଦାସ ପ୍ରମୁଖ ଯୋଗ ଦେଇ ମୋଦୀ ସରକାରଙ୍କ ସମସ୍ତ ଯୋଜନା ସମ୍ପର୍କରେ ସବିଶେଷ ଆଲୋଚନା ପୂର୍ବକ ଏହାର ସଦୁପଯୋଗ କରିବା ପାଇଁ ସଚେତନ କରାଇଥିଲେ କ୍ଷ ଅଙ୍ଗନବାଡି କର୍ମୀ, ଆଶାକର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉପସ୍ଥିତ ଥିଲେ ଉପସ୍ଥିତ ଥିଲେ । ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ।

ପୁନଃ ରିଟେଲରସିପ ପାଇଁ ବିଡ଼ିଓଙ୍କୁ ଘେରିଲେ ଖାଉଟି

ଲଙ୍ଗଳେଶ୍ୱର , ୧୩/୧୨ (ନି.ପ୍ର): ନିଲମ୍ବିତ ହୋଇଥିବା କଣ୍ଟ୍ରୋଲ ରିଟେଲର ଶିବ ଚରଣ ଦେ ଙ୍କ ପୁନଃ ନିଯୁକ୍ତି ଦାବି କରି ଆଜି କୁମ୍ଭାରୀ ପଞ୍ଚାୟତ ତାପୁଣ୍ଡିଆ ଗ୍ରାମର ଖାଉଟି ମାନେ ବି ଡ଼ି ଓ ବିନୋଦ ଚନ୍ଦ୍ର ପଣ୍ଡା ଙ୍କୁ ଘେରିଥିଲେ । ଏନେଇ ସେମାନେ ଉପଜିଲ୍ଲାପାଳ ଙ୍କୁ ମଧ୍ୟ ଏକ ଦାବି ପତ୍ର ମଧ୍ୟ ପ୍ରଦାନ କରିଛନ୍ତି । ନିଲମ୍ବନ ଯୋଗୁଁ ଖାଉଟି ମାନେ କଣ୍ଟ୍ରୋଲ ସାମଗ୍ରୀ ଠିକ ଭାବରେ ପାଇ ପାରୁ ନାହାଁନ୍ତି । ଏନେଇ ସେମାନେ ବି ଡି ଓ ଙ୍କୁ ପୂର୍ବରୁ ଜଣାଇଥିଲେ ।ମାତ୍ର ପ୍ରତିକାର ହୋଇ ନ ଥିଲା । ଖାଉଟି ସୁବଳ ରାଉଳ , ରବୀନ୍ଦ୍ର ଦେ, ସଂଜୁଲାତା ପାତ୍ର, ଦେବେନ୍ଦ୍ର ଦାସ , ଚାରୁ ଚନ୍ଦ୍ର ନନ୍ଦୀ ପ୍ରମୁଖ ଶତାଧିକ ଖାଉଟି ଏହି ଘେରାଉ ଆନ୍ଦୋଳନ ରେ ସାମିଲ ହୋଇଥିଲେ । ତେବେ ବି ଡ଼ି ଓ ଶ୍ରୀ ପଣ୍ଡା ଏନେଇ ଖୁବ ଶୀଘ୍ର ପଦକ୍ଷେପ ନେବେ ବୋଲି ବୁଝା ସୁଝା କଲା ପରେ ଖାଉଟି ଶାନ୍ତ ପଡ଼ିଥିଲେ । ତେବେ କେଉଁ କାରଣରୁ ରିଟେଲର ଶ୍ରୀ ଦେ ଙ୍କୁ ନିଲମ୍ବନ କରାଗଲା ତାର ଏକ ନିରପେକ୍ଷ ତଦନ୍ତ ହେଉ ବୋଲି ସେମାନେ ଚାହିଁଥିବା ପ୍ରକାଶ ।

ରାଜ୍ୟ ସରକାରଙ୍କ ଜନଜାତିମାନଙ୍କ ଭୂମିବିକ୍ରି ସଂଶୋଧନ ଆଇନ ପ୍ରତ୍ୟାହାର ଦାବିରେ ବିଧାୟକଙ୍କ ପ୍ରଥପ୍ରାନ୍ତ ସଭା

ନୀଳଗିରି , ୧୩/୧୨ (ନି.ପ୍ର): ରାଜ୍ୟ ସରକାର ଆଦିବାସୀ ଜନଜାତିଙ୍କ ଭୂମିବିକ୍ରି ସଂଶୋଧନ ନୂତନ ବିଧେୟକ ବିଧାନସଭାରେ ଆଗତ କରିଛନ୍ତି ଯାହା ଆଦିବାସୀ ବିରୋଧୀ । ଏନେଇ ବିରୋଧୀ ବିଜେପି ତୀବ୍ର ବିରୋଧ କରିଛି । ତୁରନ୍ତ ଆଇନକୁ ପ୍ରତ୍ୟାହାର ଦାବୀରେ ବିଜେପି ଜନସଚେତନ ସୃଷ୍ଟିକରିବାରେ ଲାଗିଛି । ଏହି ଆଇନ କାର୍ଯ୍ୟକାରୀ ହେଲେ ଗରିବ, ଅଶିକ୍ଷିତ, ଅର୍ଦ୍ଧଶିକ୍ଷିତ ଆଦିବାସୀ ଭାଇ ଭଉଣୀ ମାନେ ସେମାନଙ୍କର ଯତ୍ କିଞ୍ଚିତ ଜମିକୁ ଶାଗମାଛ ଦରରେ ଭୂମି ମାଫିଆ ଓ କର୍ପୋରେଟ ସଂସ୍ଥାଙ୍କୁ ବିକ୍ରୀକରି ତଳିତଳାନ୍ତ ହେବେ । ଏନେଇ ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ ଆଇନ ପ୍ରତ୍ୟାହାର ପାଇଁ ନୀଳଗିରି ନିର୍ବାଚନ ମଣ୍ଡଳୀର ବିଭିନ୍ନ ଆଦିବାସୀ ବହୁଳ ଗ୍ରାମାଞ୍ଚଳ, ହାଟ, ମେଳା ମାନଙ୍କରେ ପହଞ୍ଚି ପଥପ୍ରାନ୍ତ ସଭା କରି ଆଦିବାସୀ ଭାଇ ଭଉଣୀ ମାନଙ୍କୁ ସଚେତନ କରୁଛନ୍ତି । ବୁଧବାର ନୀଳଗିରି ବ୍ଲକର ନରଣପୁର ପଞ୍ଚାୟତ ବୈଷ୍ଣବବନ୍ଧ ହାଟରେ ପହଞ୍ଚି ଏକ ପଥପ୍ରାନ୍ତ ସଭା ମାଧ୍ୟମରେ ଉପସ୍ଥିତ ଜନତା ମୁଖ୍ୟତଃ ଆଦିବାସୀ ଜନଜାତିର ଲୋକମାନଙ୍କୁ ଆଇନ ବିଷୟରେ ବିଶଦ ଭାବରେ ବୁଝାଇଥିଲେ । ଯାହା ଆଗ୍ରହର ସହିତ ଆଦିବାସୀ ସମ୍ପ୍ରଦାୟର ଲୋକେ ଶୁଣିଥିଲେ । ଏଭଳି ଆଇନକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ସଭାରେ ମତ ପାଇଥିଲା । ଏହି ସଭାରେ ବିଜେପି ଜିଲ୍ଲା ଉପସଭାପତି କରୁଣାକର ପଣ୍ଡା, ଆଦିବାସୀ ନେତା ରାମଚନ୍ଦ୍ର ମାଝୀ ଉପସ୍ଥିତ ରହି ଏଭଳି ଜନଜାତି ବିରୋଧୀ ଆଇନର ପ୍ରତ୍ୟାହାର ଦାବୀରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ ।

ମୁହଁ ଖୋଲିଲେ କଂଗ୍ରେସର ବରିଷ୍ଠ ନେତା ବେଣୁଧର

ଉଦଳା, ୧୩/୧୨ (ନି.ପ୍ର): କଂଗ୍ରେସ ଦଳର ବରିଷ୍ଠ ନେତା ତଥା ଗତ ନିର୍ବାଚନରେ ଉଦଳା ନିର୍ବାଚନ ମଣ୍ଡଳିରୁ ବିଧାୟକ ପ୍ରାର୍ଥି ଭାବରେ ନିର୍ବାଚନ ଲଢ଼ିଥିବା ବେଣୁଧର ମହାପାତ୍ର ମୁହଁ ଖୋଲିଛନ୍ତି । ସେ କହିଛନ୍ତି ବର୍ତମାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ 'ଯୁବ ଓଡ଼ିଶା, ନବିନ ଓଡ଼ିଶା' କାର୍ଯ୍ୟକ୍ରମ ମାଧ୍ୟମରେ ବିଜୁ ଜନତା ଦଳ ଖୋଲା ଖୋଲି ନିର୍ବାଚନ ପ୍ରଚାର ଚଳାଇଛି । ସବୁ ଜାଣି ଶୁଣି ଭାରତୀୟ ଜନତା ପାର୍ଟି ନିରବ ରହୁଛି ଓ ଏହି କାର୍ଯ୍ୟକ୍ରମକୁ ସମର୍ଥନ ଜଣାଉଛି । ଏହି ଘଟଣାରୁ ବିଜୁ ଜନତା ଦଳ ଓ ଭାରତୀୟ ଜନତା ପାର୍ଟି ପ୍ରତି ସାଧାରଣ ଲୋକେ ଅସନ୍ତୋଷ ବ୍ୟକ୍ତ କଲେଣି, ଆସନ୍ତା ନିର୍ବାଚନରେ ଲୋକେ ଏହାର ଠିକଣା ଜବାବ ଦେବେ ବୋଲି ଶ୍ରୀଯୁକ୍ତ ମହାପାତ୍ର କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ବିଜେପି ଓ ବିଜେଡ଼ି ଦଳ ମଧ୍ୟରେ ଗୋଷ୍ଠୀ କନ୍ଦଳ ଯେଉଁ ଭଳି ଭାବରେ ଦିନକୁ ଦିନ ଉଗ୍ର ରୂପ ନେବାରେ ଲାଗିଛି ଏଥିରୁ ବେଶ ସ୍ପଷ୍ଟ ଯେ ଆସନ୍ତା ନିର୍ବାଚନରେ ଉଭୟ ବିଜେପି ଓ ବିଜେଡ଼ି ଉଦଳା ମାଟିରୁ ହଜି ଯିବେ । ଅତିତରେ ଏହା କଂଗ୍ରେସର ଗଡ଼ ଥିଲା ଓ ଭବିଷ୍ୟତରେ ମଧ୍ୟ ଏହା କଂଗ୍ରେସର ଗଡ଼ ହୋଇ ରହିବ ବୋଲି ସେ କହିଛନ୍ତି ।

ଡ଼ାକ ସେବକ ମାନଙ୍କ ଧର୍ମଘଟ

ଉଦଳା , ୧୩/୧୨ (ନି.ପ୍ର): ଗ୍ରାମିଣ ଡ଼ାକ ସେବକ ମାନେ ଚଳିତ ଡ଼ିସେମ୍ବର ୧୨ ତାରିଖ ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଦେଶ ବ୍ୟାପି ଧର୍ମଘଟ ଚଳାଇଛନ୍ତି । ଫଳରେ ଡ଼ାକସେବା ସମ୍ପୂର୍ଣ୍ଣ ବନ୍ଦ ହୋଇ ଯାଇଛି । ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ଗ୍ରାମିଣ ଡ଼ାକ ସେବକଙ୍କ କାର୍ଯ୍ୟ ନିର୍ଘଂଟ ଦୈନିକ ୮ ଘଂଟା ସ୍ଥିର କରାଯାଉ, ପ୍ରତି ୧୨ ବର୍ଷରେ ଆର୍ଥିକ ପାଦୋନ୍ନତି ଦେବା ସୁପାରିଶକୁ ଶିଘ୍ର ଲାଗୁକରାଯାଉ, ୫ ଲକ୍ଷ ଟଂକା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବିମା ଓ ପେନସନ ପ୍ରଦାନ କରାଯାଉ ବୋଲି ଡ଼ାକ ସେବକ ମାନେ ଦାବି ଜଣାଇଛନ୍ତି ।

ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ

ବାରିପଦା , ୧୩/୧୨ (ନି.ପ୍ର): ରାଜ୍ୟ କୃଷି ଏବଂ କୃଷି ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ମୟୂରଭଞ୍ଜ ଜିଲ୍ଲା ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଆଜି ବାରିପଦା ଛଉ ପଡିଆ ଠାରେ ଉଦଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ତଥା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି, ବିଶିଷ୍ଟ ଅତିଥି ଭାବେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଯୋଗ ଦେଇ ମେଳାକୁ ଉଦ୍ଘାଟନ କରିବା ସହିତ ଓଡ଼ିଶାର ପରିବର୍ତ୍ତନର ଧାରାରେ କୃଷି ଯାନ୍ତ୍ରିକକରଣ, ଯୁବ ଏବଂ ମହିଳା ଚାଷୀଙ୍କ ଯୋଗଦାନ ସମ୍ବନ୍ଧରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବରେ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ଡ଼ଃ ଦେବାଶିଷ ମାର୍ଣ୍ଡି, ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଉପସ୍ଥିତ ରହି ଚାଷୀ ମାନଙ୍କୁ ଉଦବୋଧନ ଦେଇଥିଲେ । ଏହି ଅବସର ରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଦେଖାଇଥିବା ୭ ଜଣ ଅଗ୍ରଣୀ ଚାଷୀ ଏବଂ ୩ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ସମ୍ମାନିତ କରାଯିବା ସହ ୯ ଟି ସ୍ୱଂୟ ସହାୟକ ଗୋଷ୍ଠୀକୁ ଓଡ଼ିଶା ମିଲେଟ ମିଶନ ତରଫରୁ ମାଣ୍ଡିଆ ଗୁଣ୍ଡ କରିବା ଯନ୍ତ୍ର ପ୍ରଦାନ କରାଯାଇଥିଲା । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ତରୁଣ ଛୋଟରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଭାଗୀୟ ମୁଖ୍ୟ ଯନ୍ତ୍ରୀ ମେଳାର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିବା ବେଳେ, ନିର୍ବାହୀ ଯନ୍ତ୍ରୀ ଶ୍ରୀନିବାସ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ । କୃଷି ଅଧିକାରୀ ମଧୁସ୍ମିତା ଜେନା, ସାରଦା ହାଁସଦା, ଯୋଜନା ଅଧିକାରୀ ସୁଧାଂଶୁ ଶେଖର ପଣ୍ଡା ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ । ଆଗାମୀ ୧୬ ତାରିଖ ଯାଏଁ ଚାଲିବାକୁ ଥିବା ଏହି ମେଳାରେ ୧୫୦୦ ରୁ ଉର୍ଦ୍ଧ୍ୱ ଚାଷୀ ତାଲିମ ପାଇବା ସହିତ ୧୦୦୦ ରୁ ଉର୍ଦ୍ଧ୍ୱ ଚାଷୀ ସିଧାସଳଖ ରିହାତି ମୂଲ୍ୟରେ ଯନ୍ତ୍ରପାତି କ୍ରୟ କରିବା ସହିତ ୬୦ ଟି ଷ୍ଟଲ ମାଧ୍ୟମରେ ବିଭିନ୍ନ କାର୍ଯ୍ୟଶୈଳିର ଅବଲୋକନ କରି ପାରିବେ ବୋଲି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣି ଜଣାଇଛନ୍ତି ।

କେନାଲକୁ ଖସିଲା କାର: ଗୋଟିଏ ପରିବାରର ୪ଜଣଙ୍କ ମୃତ୍ୟୁ

ପାଟଣ, ୧୩/୧୨ (ନି.ପ୍ର): ପାଟଣ ଜିଲ୍ଲାର ସାନ୍ତଳପୁର ତହସିଲର ଫାଗଲି ଗାଁରେ ବୁଧବାର ସକାଳେ ଭୟାବହ ସଡକ ଦୁର୍ଘଟଣା ଘଟିଛି । ସଡକ ଦୁର୍ଘଟଣାରେ ୪ଜଣ ଲୋକଙ୍କର ମୃତ୍ୟୁ ହୋଇଛି । ସମସ୍ତ ମୃତକ ଗୋଟିଏ ପରିବାରର ବୋଲି ଜଣାପଡିଛି । ଏବଂ ଏମାନେ ଏକ ବିବାହ ସମାରେହକୁ ଯାଉଥିଲେ । ମୃତକଙ୍କ ମଧ୍ୟରେ ସ୍ୱାମୀ-ସ୍ତ୍ରୀ, ୨ଜଣ ପୁଅ ଅଛନ୍ତି । ରାସ୍ତା ଉପରକୁ ହଠାତ୍ ଏକ ଜଙ୍ଗଲୀ ପଶୁ ପଶିଆସିବାରୁ ଗାଡି ଚାଳକଙ୍କ ଭାରସାମ୍ୟ ବିଗିଡିଯାଇଥିଲା । ଏବଂ କାରଟି ଏକ କେନାଲ ଭିତରକୁ ଖସିପଡିଥିଲା । ସାନ୍ତଳପୁର ତହସିଲର ଫାଙ୍ଗଲି ବାସିନ୍ଦ ତଥା ମୁମ୍ବାଇରେ ସ୍ଥାୟୀ ଭାବେ ରହୁଥିବା ଜୋଶୀ ପରିବାର ୫ଦିନ ପୂର୍ବରୁ ଏକ ବିବାହରେ ଯୋଗ ଦେବାକୁ ନିଜ ଗାଁକୁ ଆସିଥିଲେ । ତେବେ ବିବାହରେ ଯୋଗ ଦେବାକୁ ଗଲା ବେଳେ ଏହି ଦୁର୍ଘଟଣା ଘଟିଥିଲା ।

ଜିଲ୍ଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଘାଟିତ

ବାରିପଦା , ୧୩/୧୨ (ନି.ପ୍ର): ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ମୟୂରଭଞ୍ଜ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ବାଲ ବୈଜ୍ଞାନିକପ୍ରଦର୍ଶନୀ ଉଦଘାଟିତ ହୋଇଯାଇଛି । ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ରାଜ୍ୟ ମହିଳା ଶିଶୁବିକାଶ ଓ ମିଶନ ଶକ୍ତି ବିଭାଗର ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଯୋଗ ଦେଇ ପ୍ରସିଦ୍ଧ ବୈଜ୍ଞାନିକ ମାନଙ୍କର ପଥ ଅନୁସରଣ ପାଇଁ ପିଲାଙ୍କୁ ପ୍ରେରଣା ଦେଇଥିଲେ । ମୁଖ୍ୟବକ୍ତା ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ଡା. ଦେବାଶିଷ ମାରାଣ୍ଡି, ସମ୍ମାନିତ ଅତିଥିଭାବେ କପ୍ତିପଦା ବ୍ଲକ ଚେୟାରମ୍ୟାନ କାହ୍ନୁଚରଣ ସୋରେନ, ଜିଲ୍ଲା ପରିଷଦ ଉପାଧକ୍ଷ ବିପିନ୍ନ ସିଂ ବଦ୍ରା ପ୍ରମୁଖ ଯୋଗଦେଇ ବିଜ୍ଞାନ ମେଳାରେ ଛାତ୍ରଛାତ୍ରୀମାନଙ୍କୁ ବିଜ୍ଞାନ ପ୍ରକଳ୍ପର ନିର୍ମାଣ କୌଶଳ ଏବଂ ବୈଜ୍ଞାନିକ ଦକ୍ଷତା ବୃଦ୍ଧିରେ ସହାୟକ ହୁଏ ବୋଲି କହିଥିଲେ । ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚର୍ଯ୍ୟ ବିବରଣୀ ପ୍ରଦାନ କରିଥିବା ବେଳେ, ପ୍ରଧାନଶିକ୍ଷକ ସିଙ୍ଗରାୟ ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷା ଅ